କୋଶଲ ସମ୍ବାଦ

କୋଶଲର ସ୍ୱର, ଜନତାର ସମ୍ବାଦ

RNI REGD NO- ORORI/26A4694 | ଦୈନିକ ଓଡ଼ିଆ ଖବର କାଗଜ | KOSHAL SAMBAD- Daily News Paper

Vol- 01 ■ No-41, Friday 13 November 2026 ■ 4 pages : Rs. 2/ - ■ ପ୍ରଥମ ବର୍ଷ, ସଂଖ୍ୟା-୪୧ ■ ଶୁକ୍ରବାର ୧୩ ନଭେମ୍ବର ୨୦୨୬■ ୪ ପୃଷ୍ଠା: ମୂଲ୍ୟ ୨/-ଟଙ୍କା

ଓଡ଼ିଶା-ଜାପାନ ସମ୍ପର୍କରେ ନୂଆ ଅଧ୍ୟାୟ, ଶିଳ୍ପ ଓ ନିଯୁକ୍ତି କ୍ଷେତ୍ରରେ ଖୋଲିବ ନୂଆ ସମ୍ଭାବନା

ଟୋଟୋରି ପ୍ରିଫେକ୍ଚର ସହ ତିନିଟି ଚୁକ୍ତି ସ୍ୱାକ୍ଷର, ଯୁବକଯୁବତୀଙ୍କୁ ଜାପାନରେ ଦକ୍ଷତା ଓ ନିଯୁକ୍ତିର ସୁଯୋଗ ଦେବା ଉପରେ ଗୁରୁତ୍ୱ



ଭୁବନେଶ୍ୱର, ୧୨/୧୧: ଓଡ଼ିଶାର ଶିଳ୍ପ, ବାଣିଜ୍ୟ, ଦକ୍ଷତା ବିକାଶ ଓ ନିଯୁକ୍ତି କ୍ଷେତ୍ରକୁ ଏକ ନୂଆ ଦିଗ ଦେବା ଲକ୍ଷ୍ୟରେ ଜାପାନ ସହ ରାଜ୍ୟର ସମ୍ପର୍କ ଅଧିକ ମଜଭୁତ ହୋଇଛି। ଜାପାନର ଟୋଟୋରି ପ୍ରିଫେକ୍ଚର ସହ ଓଡ଼ିଶା ସରକାର ଏକ ବନ୍ଧୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷର କରିବା ସହ ଆଉ ଦୁଇଟି ବୁଝାମଣାପତ୍ରରେ ସହମତି ପ୍ରକାଶ କରିଛନ୍ତି। ଏହି ପଦକ୍ଷେପ ରାଜ୍ୟର ଯୁବପିଢ଼ି, ଉଦ୍ୟୋଗୀ ଓ ଶିକ୍ଷଣସଂସ୍ଥା ପାଇଁ ନୂଆ ସୁଯୋଗ ସୃଷ୍ଟି କରିବାର ଆଶା ଜନ୍ମାଇଛି। ଲୋକସେବା ଭବନଠାରେ ଆୟୋଜିତ ଏହି ଚୁକ୍ତି ସ୍ୱାକ୍ଷର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଜାପାନର ଟୋଟୋରି ପ୍ରିଫେକ୍ଚରର ଗଭର୍ଣ୍ଣର ଶିଞ୍ଜି ହିରାଇ ଉପସ୍ଥିତ ଥିଲେ। ଜାପାନର ପ୍ରାୟ ୮୦ ଜଣିଆ ପ୍ରତିନିଧି ଦଳ ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଦୁଇ ଅ ଳ ମଧ୍ୟରେ ଶିଳ୍ପ, ପୁଞ୍ଜିନିବେଶ, ଉଦ୍ୟୋଗ, ପର୍ଯ୍ୟଟନ, ସଂସ୍କୃତି ଓ ମାନବ ସମ୍ବଳ ବିକାଶ କ୍ଷେତ୍ରରେ ସହଯୋଗ ବୃଦ୍ଧି କରିବା ଏହି ଚୁକ୍ତିର ମୁଖ୍ୟ ଉଦ୍ଦେଶ୍ୟ। (ଅବଶିଷ୍ଟାଂଶ ପୃଷ୍ଠା-୩ରେ)

ବଲାଙ୍ଗୀର, ନୂଆପଡ଼ା ଓ କଳାହାଣ୍ଡିକୁ ମିଳିବ ବଡ଼ ଫାଇଦା

୮୮୦୦ ହେକ୍ଟର ଜମିକୁ ଜଳସେଚନ, ୬୦୦ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ ଓ ଜଳ ସଂରକ୍ଷଣକୁ ଗୁରୁତ୍ୱ



ଭୁବନେଶ୍ୱର, ୧୨/୧୧: ପଶ୍ଚିମ ଓଡ଼ିଶାର ଚାଷୀ, କୃଷି ଅର୍ଥନୀତି ଓ ଶକ୍ତି ଭିତ୍ତିଭୂମିକୁ ମଜଭୁତ କରିବା ଦିଗରେ ରାଜ୍ୟ ସରକାର ଏକ ବଡ଼ ପଦକ୍ଷେପ ନେଇଛନ୍ତି। ବଲାଙ୍ଗୀର, ନୂଆପଡ଼ା ଓ କଳାହାଣ୍ଡି ଜିଲ୍ଲାକୁ କେନ୍ଦ୍ର କରି ୫୦୯୮ କୋଟି ଟଙ୍କାରୁ ଅଧିକ ବ୍ୟୟବରାଦ ଥିବା ତିନୋଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି। ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ଜଳ ସଂରକ୍ଷଣ, ମେଗା ଲିଫ୍ଟ ଜଳସେଚନ ଓ ଜଳବିଦ୍ୟୁତ୍ ଶକ୍ତି ସଂରକ୍ଷଣ ବ୍ୟବସ୍ଥା ରହିଛି। ଏହାଦ୍ୱାରା ମରୁଡ଼ି ପ୍ରବଣ ଅଞ୍ଚଳରେ ଚାଷ ପାଇଁ ଜଳ ଉପଲବ୍ଧତା ବୃଦ୍ଧି ସହ ରାଜ୍ୟର ଶକ୍ତି କ୍ଷେତ୍ର ମଧ୍ୟ ଅଧିକ ସୁଦୃଢ଼ ହେବାର ଆଶା ରହିଛି।





କୋଶଳ ସମ୍ବାଦ

ପୃଷ୍ଠା-୨

ଶୁକ୍ରବାର ୧୩ ନଭେମ୍ବର ୨୦୨୬



ଡିଜିଟାଲ ଯୁଗରେ ଶିକ୍ଷାର ନୂଆ ଦିଗ – ସୁବିଧା ସହ ଗୁଣାତ୍ମକ ଶିକ୍ଷା ହେଉ ପ୍ରାଥମିକତା



ପ୍ରଫୁଲ୍ଲ ରୋହିଦାସ
ସଂପାଦକ- କୋଶଳ ସମ୍ବାଦ
ଉଜ୍ଜ୍ୱଳପୁର ସୁନ୍ଦରଗଡ଼

ଶିକ୍ଷା ହେଉଛି ଏକ ସମାଜର ମେରୁଦଣ୍ଡ। ଯେଉଁ ଦେଶର ଶିକ୍ଷା ବ୍ୟବସ୍ଥା ଯେତେ ସୁଦୃଢ଼, ସେହି ଦେଶର ଭବିଷ୍ୟତ ସେତେ ଉଜ୍ଜ୍ୱଳ। ବର୍ତ୍ତମାନ ସମଗ୍ର ବିଶ୍ୱ ଡିଜିଟାଲ ବିପ୍ଳବ ଦେଇ ଗତି କରୁଛି। ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମଣିଷର ଜୀବନଶୈଳୀକୁ ବଦଳାଇ ଦେଇଥିବାବେଳେ ଶିକ୍ଷା କ୍ଷେତ୍ରରେ ମଧ୍ୟ ଏହାର ପ୍ରଭାବ ସ୍ପଷ୍ଟ ଭାବେ ଦେଖାଯାଉଛି। ପାରମ୍ପରିକ ଶ୍ରେଣୀଗୃହ ଶିକ୍ଷା ସହିତ ଇଣ୍ଟରନେଟ୍, ଡିଜିଟାଲ ଲାଇବ୍ରେରୀ, ଅନଲାଇନ୍ ପାଠ୍ୟକ୍ରମ ଓ କୃତ୍ରିମ ବୁଦ୍ଧିମତ୍ତା ଶିକ୍ଷାର ନୂଆ ଦ୍ୱାର ଖୋଲିଛି।

ଏହି ପରିପ୍ରେକ୍ଷୀରେ ଓଡ଼ିଶା ସରକାରଙ୍କ ପକ୍ଷରୁ ୬୦୧ଟି ସରକାରୀ ଓ ସହାୟତାପ୍ରାପ୍ତ କଲେଜରେ ମାଗଣା ହାଇସ୍ପିଡ୍ ୱାଇଫାଇ ସୁବିଧା ଯୋଗାଇବା ପାଇଁ ୩୯୩.୬୨ କୋଟି ଟଙ୍କାର ଯୋଜନା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହାଦ୍ୱାରା ରାଜ୍ୟର ଲକ୍ଷାଧିକ ଛାତ୍ରଛାତ୍ରୀ ଡିଜିଟାଲ ଶିକ୍ଷାର ସୁଯୋଗ ପାଇପାରିବେ। ବିଶେଷକରି ଗ୍ରାମାଞ୍ଚଳର ଛାତ୍ରଛାତ୍ରୀଙ୍କ ପାଇଁ ଏହା ଏକ ନୂଆ ଆଶା ସୃଷ୍ଟି କରିଛି। ଯେଉଁ ଛାତ୍ରଛାତ୍ରୀ ଅର୍ଥ ଅଭାବରୁ ଦାମୀ ଇଣ୍ଟରନେଟ୍ ସେବା କିମ୍ବା ଅନଲାଇନ୍ ଶିକ୍ଷା ସାମଗ୍ରୀ ପାଇପାରୁନାହାନ୍ତି, ସେମାନଙ୍କ ପାଇଁ ଏହି ସୁବିଧା ନିଶ୍ଚିତ ଭାବେ ଉପକାରୀ ହେବ। କିନ୍ତୁ କେବଳ ଇଣ୍ଟରନେଟ୍ ସଂଯୋଗ ଯୋଗାଇଦେଲେ ଶିକ୍ଷାର ମାନ ବୃଦ୍ଧି ହୋଇଯିବ ନାହିଁ। ଏଥିପାଇଁ ଆବଶ୍ୟକ ଗୁଣାତ୍ମକ ଶିକ୍ଷାଦାନ, ଦକ୍ଷ ଅଧ୍ୟାପକ, ଉନ୍ନତ ଶ୍ରେଣୀଗୃହ, ପର୍ଯ୍ୟାପ୍ତ ପାଠାଗାର ଓ ଗବେଷଣାର ସୁଯୋଗ। ରାଜ୍ୟର ଅନେକ କଲେଜରେ ଆଜି ମଧ୍ୟ ଅଧ୍ୟାପକ ପଦବି ଖାଲି ପଡ଼ିଛି। କେଉଁଠି ପର୍ଯ୍ୟାପ୍ତ ଶ୍ରେଣୀଗୃହ ନାହିଁ ତ ଆଉ କେଉଁଠି ପ୍ରୟୋଗଶାଳା ଓ ପାଠାଗାରର ଅଭାବ ରହିଛି। ଏହି ସମସ୍ୟାଗୁଡ଼ିକର ସମାଧାନ ନକରି କେବଳ ଡିଜିଟାଲ ସୁବିଧା ଉପରେ ଗୁରୁତ୍ୱ ଦେବା ଯଥେଷ୍ଟ ହେବ ନାହିଁ। ଆଜିର ଛାତ୍ରଛାତ୍ରୀ ଇଣ୍ଟରନେଟ୍‌ରୁ ଅନେକ ଜ୍ଞାନ ଆହରଣ କରିପାରୁଛନ୍ତି। କିନ୍ତୁ ସେହି ଇଣ୍ଟରନେଟ୍‌ର ଅପବ୍ୟବହାର ମଧ୍ୟ ଏକ ବଡ଼ ସମସ୍ୟା। ଅନାବଶ୍ୟକ ସୋସିଆଲ ମିଡିଆ, ଅନଲାଇନ୍ ଖେଳ ଓ ଭ୍ରମାତ୍ମକ ତଥ୍ୟ ଯୁବପିଢ଼ିଙ୍କ ମନୋଯୋଗକୁ ପ୍ରଭାବିତ କରୁଛି। ତେଣୁ ଡିଜିଟାଲ ସାକ୍ଷରତା ସହିତ ସାଇବର ସୁରକ୍ଷା ଓ ଇଣ୍ଟରନେଟ୍‌ର ସଠିକ୍ ବ୍ୟବହାର ସମ୍ପର୍କରେ ମଧ୍ୟ ଶିକ୍ଷା ଦେବା ଆବଶ୍ୟକ।

ଅନ୍ୟପକ୍ଷରେ, ଓଡ଼ିଶାର ଗ୍ରାମାଞ୍ଚଳ ଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଡିଜିଟାଲ ଶିକ୍ଷାର ପ୍ରକୃତ ସୁବିଧା ପହଞ୍ଚାଇବା ଏକ ବଡ଼ ଦାୟିତ୍ୱ। ଅନେକ ଅଞ୍ଚଳରେ ଆଜି ମଧ୍ୟ ନିରବଚ୍ଛିନ୍ନ ବିଦ୍ୟୁତ୍ ଓ ଇଣ୍ଟରନେଟ୍ ସେବା ଉପଲବ୍ଧ ନାହିଁ। ଏହି ଅସମାନତା ଦୂର ନହେଲେ ସହର ଓ ଗ୍ରାମ ମଧ୍ୟରେ ଶିକ୍ଷାଗତ ବ୍ୟବଧାନ ରହିଯିବ।

ସରକାରଙ୍କ ଏହି ଯୋଜନା ସଫଳ ହେବା ପାଇଁ ନିୟମିତ ତଦାରଖ, ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ରହିବା ଆବଶ୍ୟକ। କେଉଁ କଲେଜରେ କେତେ ଛାତ୍ରଛାତ୍ରୀ ସୁବିଧା ପାଉଛନ୍ତି, ଇଣ୍ଟରନେଟ୍‌ର ଗତି କିପରି ରହିଛି ଏବଂ ଅର୍ଥର ବିନିଯୋଗ ଠିକ୍ ଭାବରେ ହେଉଛି କି ନାହିଁ, ତାହାର ନିୟମିତ ସମୀକ୍ଷା ହେବା ଦରକାର।

ଶେଷରେ କହିବାକୁ ଗଲେ, ଡିଜିଟାଲ ଶିକ୍ଷା କେବଳ ଏକ ସରକାରୀ ଯୋଜନା ନୁହେଁ, ଏହା ଆଗାମୀ ପିଢ଼ିର ଭବିଷ୍ୟତ ଗଠନର ଏକ ମାଧ୍ୟମ। ଶିକ୍ଷାରେ ପ୍ରଯୁକ୍ତିବିଦ୍ୟାର ସଠିକ୍ ଉପଯୋଗ ସହିତ ମାନବୀୟ ମୂଲ୍ୟବୋଧ, ନୈତିକତା ଓ ସୃଜନଶୀଳ ଚିନ୍ତାଧାରାର ବିକାଶ ମଧ୍ୟ ସମାନ ଭାବରେ ଆବଶ୍ୟକ। ସରକାର, ଶିକ୍ଷକ, ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ସମ୍ମିଳିତ ଉଦ୍ୟମ ହିଁ ଓଡ଼ିଶାକୁ ଏକ ଜ୍ଞାନଭିତ୍ତିକ ଓ ଶିକ୍ଷିତ ରାଜ୍ୟରେ ପରିଣତ କରିପାରିବ।

ନିଶାମୁକ୍ତ ଭାରତ ଅଭିଯାନ ଆରମ୍ଭ କଲା କେ. ରାଇବଗା ପଞ୍ଚାୟତ

ସୁନ୍ଦରଗଡ଼ : ସମାଜରେ ନିଶାଦ୍ରବ୍ୟର ବଢୁଥିବା ପ୍ରସାର ଏବେ ଏକ ଗମ୍ଭୀର ସାମାଜିକ ଓ ଜନସ୍ୱାସ୍ଥ୍ୟ ସମସ୍ୟା ଭାବେ ଉଭା ହୋଇଛି। ନିଶା ସେବନର କୁପ୍ରଭାବରୁ ଯୁବପିଢ଼ିଙ୍କୁ ରକ୍ଷା କରିବା ସହ ଏକ ସୁସ୍ଥ, ସୁନ୍ଦର ଓ ନିଶାମୁକ୍ତ ସମାଜ ଗଠନ ଲକ୍ଷ୍ୟରେ ସୁନ୍ଦରଗଡ଼ ଜିଲ୍ଲା ଲେଫ୍ରିପଡ଼ା ବ୍ଲକ ଅନ୍ତର୍ଗତ କେ. ରାଇବଗା ଗ୍ରାମ ପଞ୍ଚାୟତ ପକ୍ଷରୁ ନିଶାମୁକ୍ତ ଭାରତ ଅଭିଯାନ ଆରମ୍ଭ କରାଯାଇଛି। ପଞ୍ଚାୟତର ନିର୍ବାହୀ ଅଧିକାରୀ ବର୍ଷାରାଣୀ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସରପଞ୍ଚ ଇନ୍ଦୁମଣି କାଲୋ ସବୁଜ ପତାକା ପ୍ରଦର୍ଶନ କରି ଏହି ସଚେତନତା ଅଭିଯାନର ଶୁଭାରମ୍ଭ କରିଥିଲେ। ଏହି ଅଭିଯାନ ଅବସରରେ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ବିଭିନ୍ନ ଗ୍ରାମ ଓ ପଡ଼ା ପରିକ୍ରମା କରିଥିଲା। ଶୋଭାଯାତ୍ରା ମାଧ୍ୟମରେ ଗ୍ରାମବାସୀଙ୍କୁ ନିଶା ସେବନର କୁପରିଣାମ, ଏହାର ସାମାଜିକ ପ୍ରଭାବ ଏବଂ ନିଶାମୁକ୍ତ ଜୀବନଶୈଳୀର ଗୁରୁତ୍ୱ ସମ୍ପର୍କରେ ସଚେତନ କରାଯାଇଥିଲା। ବିଶେଷକରି ଯୁବବର୍ଗଙ୍କୁ ନିଶାଦ୍ରବ୍ୟଠାରୁ ଦୂରେଇ ରଖିବା ଏବଂ ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ସଚେତନତା ଅଭିଯାନରେ ମହିଳାମାନଙ୍କ ସକ୍ରିୟ ଅଂଶଗ୍ରହଣ ଏକ ସକାରାତ୍ମକ ଦିଗ ଭାବେ ପରିଲକ୍ଷିତ ହୋଇଥିଲା। ନିଶାମୁକ୍ତ ପରିବାର ଓ ସୁସ୍ଥ ସମାଜ ଗଠନ ଦିଗରେ ପଞ୍ଚାୟତର ଏହି ପଦକ୍ଷେପକୁ ସ୍ଥାନୀୟ ସ୍ତରରେ ଏକ ସଚେତନତାମୂଳକ ପ୍ରୟାସ ଭାବେ ଦେଖାଯାଉଛି।

ଅନ୍ତରାଜ୍ୟ କୋଇଲା ଚାଲାଣ ବେଳେ ଧରାପଡ଼ିଲା ଛତିଶଗଡ଼ ଟ୍ରେଲର: ୩ ଲକ୍ଷ ୬୦ ହଜାର ଟଙ୍କା ଜୋରିମାନା

ସୁବର୍ଣ୍ଣପୁର, ୧୨/୧୧ (ସରୋଜ ପ୍ରକାଶ ପଧାନ) ଗତକାଲି ସନ୍ଧ୍ୟା କାଳୀନ ଯାନ ବାହାନ ତନଖି ସମୟରେ ଛତିଶଗଡ଼ ରାଜ୍ୟର ପଞ୍ଜିକୃତ ଏକ ଟିପ ଟ୍ରେଲର ଭାରୀଯାନ (**CG-10BL-5019**) କୁ ଅନ୍ତରାଜ୍ୟ କୋଇଲା ଚାଲାଣ କରୁଥିବା ସମୟରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ,ସୁବର୍ଣ୍ଣପୁରର କନିଷ୍ଠ ମୋଟର ଯାନ ନିରୀକ୍ଷକ ଶ୍ରୀ ରାଜେଶ କୁମାର ସେଠୀ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ରେ ସାହାଜପିଟା ନିକଟରେ କାର୍ଯ୍ୟାଳୟ ର ପ୍ରବର୍ତନ ଦଳ ଦ୍ୱାରା ଗାଡ଼ିଟିକୁ ଯାଞ୍ଚ କରାଯାଇଥିଲା ଏବଂ ମୋଟର ଯାନ ଆଇନ ଅନୁଯାୟୀ ଧାରା **192(A),OMVT-3Act** ରେ ଗାଡି ଉପରେ ୩,୬୦,୦୦୦/- ଟଙ୍କାର ଚାଲାଣ କାଟିବା ସହ ଗାଡ଼ିଟିକୁ ଜବତ କରି ଡ୍ରାଇଭର ଓ ମାଲିକଙ୍କୁ ଜୋରିମାନା ପେଠ କରିବା ପାଇଁ ନିର୍ଦେଶ ଦିଆଯାଇଛି, ଯୋଉ ଗାଡିର କି ଓଡିଶା ଟ୍ୟାକ୍ସ ପେଠ ହୋଇ ନାହିଁ କି ଓଡିଶାର ପରମିଟ ମଧ୍ୟ ନାହିଁ। ଏହି ଗାଡିଟି ପୂର୍ବରୁ ମଧ୍ୟ ଓଡିଶା ରେ ଚଳପ୍ରଚଳ ହେଉଥିଲା ଏବଂ ବ । ହ । ନ ଡା ଟା ବେସ ହିସାବ ରେ ଗାଡିର ଚାଲାଣ ବ ଢେ କ ୟ । ଥିବାର ନଜର ଆସିଛି, ଏଭଳି ତନଖି କାର୍ଯ୍ୟକୁ ଜି ଲ୍ଲ । ର ଜନସାଧାରଣଙ୍କ ସହ ବୁଦ୍ଧିଜୀବୀ ମହଲ ତରଫରୁ ସା । ଧୁ ବା । ଦ ଦିଆଯାଉଛି ।



ଜଲ୍ଲାପାଳଙ୍କ ନଦ୍ଦେଶରେ ଖାଦ୍ୟ ସୁରକ୍ଷା ବିଭାଗର ମଳତ ଚଢ଼ଉ
ରେଙ୍ଗାଲି ଥାନା ଅନ୍ତର୍ଗତ ପଂଚଗାଁ ଓ କନକତୋରାରେ ଏନଫୋର୍ସମେଂଟ କଡ଼ାକଡ଼ି, ଜରିମାନା ଆଦାୟ

ଝାରସୁଗୁଡ଼ା, ୧୨/୧୧ : ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାରେ ଖାଦ୍ୟ ନିରାପତା ଓ ନିଶା ନିବାରଣ ନିୟମାବଳୀର ଅନୁପାଳନ ଲାଗି ପ୍ରଶାସନିକ ଏନଫୋର୍ସମେଂଟ କାର୍ଯ୍ୟାନୁଷ୍ଠାନ ଜୋରଦାର ଜାରି ରହିଛି। ଏହି କ୍ରମରେ ଗୁରୁବାର ରେଙ୍ଗାଲି ଥାନା ଅଧୀନସ୍ଥ ପଂଚଗାଁ ଏବଂ କନକତୋରା ଅଂଚଳରେ ଖାଦ୍ୟ ସୁରକ୍ଷା ଟିମ୍, ଡ୍ରଗ୍ ଇନ୍ସପେକ୍ଟର ଏବଂ ବେଲପାହାଡ଼ ଅବକାରୀ ବିଭାଗ ପକ୍ଷରୁ ଏକ ମିଳିତ ଚଢ଼ଉ ଅଭିଯାନ ପରିଚାଳିତ ହୋଇଯାଇଛି। ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ତଥା ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଦ୍ଦେଶ୍ୟରେ ଏହି ଯାଂଚ୍ ପ୍ରକ୍ରିୟା ଜାରି ରହିଛି। ଏହି ମିଳିତ ଯାଂଚ୍ ସମୟରେ ଟିମ୍ ପକ୍ଷରୁ ଜାତୀୟ ରାଜପଥ କଡ଼ରେ ଥିବା ବିଭିନ୍ନ ଢାବା, ଜଳଖିଆ ହୋଟେଲ୍ ଏବଂ ସର୍ବସାଧାରଣ ସ୍ଥାନ, ବିଦ୍ୟାଳୟ, ମହାବିଦ୍ୟାଳୟ ଓ ଡାକ୍ତରଖାନା ନିକଟରେ ଥିବା ଖୁଚୁରା ଦୋକାନଗୁଡ଼ିକରେ ଆକସ୍ମିକ ଯାଂଚ୍ କରାଯାଇଥିଲା। ତନଖି ବେଳେ ଖାଦ୍ୟ ସୁରକ୍ଷା ଓ ମାନକ ଆଇନ ଏବଂ ସିଗାରେଟ୍ ତଥା ଅନ୍ୟାନ୍ୟ ତମାଖୁଜାତ ଦ୍ରବ୍ୟ ଆଇନ ଉଲ୍ଲଂଘନ କରିଥିବା ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇ ସମୁଦାୟ ୬,୫୦୦ ଟଙ୍କାର ଜରିମାନା ଆଦାୟ କରାଯାଇଛି। ଉକ୍ତ ଏନଫୋର୍ସମେଂଟ କାର୍ଯ୍ୟକ୍ରମରେ ଖାଦ୍ୟ ସୁରକ୍ଷା ଅଧିକାରୀ କୁନ୍ଦନ ଲୁହାରଙ୍କ ସମେତ ଡ୍ରଗ୍ ଇନ୍ସପେକ୍ଟର, ବେଲପାହାଡ଼ ଅବକାରୀ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ସାମିଲ ଥିଲେ। ନିୟମ ଉଲ୍ଲଂଘନକାରୀ ବ୍ୟବସାୟୀମାନଙ୍କୁ ସତର୍କ କରାଇବା ସହ ଆଗାମୀ ଦିନରେ ଏଭଳି ବେଆଇନ କାର୍ଯ୍ୟକଳାପ ନିରୀକ୍ଷଣ ପାଇଁ ଜିଲ୍ଲାର ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ଏହିପରି ଆକସ୍ମିକ ମିଳିତ ଚଢ଼ଉ ନିୟମିତ ଭାବେ ଜାରି ରହିବ ବୋଲି ପ୍ରଶାସନ ପକ୍ଷରୁ ଚେତାବନୀ ଦିଆଯାଇଛି।

ସ୍ୱାମୀ ଚିଦାନନ୍ଦ ବ୍ରହ୍ମଚାରୀଙ୍କ ପ୍ରବଚନ

ବିଷୟ –ଜୀବନ ଜୀଇଁବାର ଧାରା ଉପରେ

ରାଉଲକେଲା ତା -୧୨-୧୧-୨୦୨୬ ରିଖ ବେଦବ୍ୟାସ ଗୁରୁକୁଳ ବୈଦିକ ଆଶ୍ରମରେ ଡକ୍ଟର ସ୍ୱାମୀ ଚିଦାନନ୍ଦ ବ୍ରହ୍ମଚାରୀଙ୍କ ପ୍ରବଚନ ଜୀବନ ଜୀଇଁବାର ଧାରା ଉପରେ ଆଲୋଚନା ହୋଇଥିଲା। ଏହାକୁ କୃଷ୍ଣ ପୋଷାକ ଅଶୋକ କୁମାର ଅଗ୍ରୱାଲ ,ରାମ ଚନ୍ଦ୍ର ସାହୁ ଆଶ୍ରମର ବ୍ରହ୍ମଚାରୀ ମାନଙ୍କ ଦ୍ୱାରା ଆୟୋଜିତ ହୋଇଥିଲା ।ଆଜିର ଏହି ପ୍ରବଚନ ସମାହରହୋକୁ କଲ୍ୟାଣ ଆଶ୍ରମର ଅଗ୍ନିବାବା ଉଦଘାଟନ କରିଥିଲା ବେଳେ ବରିଷ୍ଠ ଐତିହାସିକ ଓ ସାହିତିକ ତଥା ଅବସରପ୍ରାପ୍ତ ଅଧକ୍ଷ ଡକ୍ଟର ଉମାକାନ୍ତ ପଣ୍ଡା ସଭାପତିତ୍ୱ ସହିତ ପରିଚାଳନା କରିଥିଲେ। ଆଜିର ଏହି ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସକ ଶ୍ରୀ ମହେନ୍ଦ୍ର କୁମାର ପଟ୍ଟନାୟକ ଯୋଗଦେଇଥିଲେ ଓ ସମ୍ମାନୀୟ ଅତିଥି ଭାବେ ବଦ୍ରିନାରାୟଣ ପାଢ଼ୀ,ବଳବନ୍ତ ସାମନ୍ତରାୟ, ଉତ୍କଳ ମେଲର ସାୟାଦିକ ଡକ୍ଟର ଅମୁଲ୍ୟ କୁମାର ଜେନା, ବରିଷ୍ଠ ଶିକ୍ଷକ ଶ୍ରୀ ଗୋବିନ୍ଦ ଚନ୍ଦ୍ର ରାଉତ, ସମାଜସେବୀ ରମେଶ ଚନ୍ଦ୍ର ଜେନା, ବେଦ ଅଧ୍ୟାପିକା ଜ୍ୟୋସ୍ନା ରାଣୀ ଦାସ ଉପସ୍ଥିତ ଥିଲେ। ସ୍ୱାମୀ ଚିଦାନନ୍ଦ ଯେତେବେଳେ ତାଙ୍କର ପ୍ରବଚନ ଆରମ୍ଭ କରିଥିଲେ ସମସ୍ତ ପରିବେଶ ସ୍ତବ୍ଧ ହୋଇଯାଇଥିଲା। ସ୍ୱାମୀଜୀ ଚିଦାନନ୍ଦ କହିଥିଲେ ଜୀବନ କେବଳ ଖାଇବା, ପିଇବା, ଟଙ୍କା କମାଇବା ନୁହଁ। ଜୀବନ ହେଉଛି ନିଜକୁ ଜାଣିବାର ଯାତ୍ରା ଓ ସକାଳୁ ଉଠୀ ଈଶ୍ୱରଙ୍କୁ ମନେ ପକାଅ, ଦିନସାରା ସେବା କର, ମାନକୁ ଶାନ୍ତ କର, ହୃଦୟକୁ ସଫା କଟ, ଜିଭ କୁ ମିଠା କର । ଏହାହିଁ ପ୍ରକୃତ ସାଧନା । ଆଉ ମଧ୍ୟ ସେ କହୁଥିଲେ, ମଣିଷ ସବୁବେଳେ ବାହାରେ ସୁଖ ଖୋଜୁଛି । କିନ୍ତୁ ଘରେ, ଟଙ୍କାରେ ଓ ପଦବୀରେ ନାହିଁ। କିନ୍ତୁ ସୁଖ ତ ନିଜ ଭିତରେ ଲୁଚି ଅଛି। ମନ ଶାନ୍ତ ହେଲେ ସବୁ ଶାନ୍ତ ଲାଗେ, ମନ ଅଶାନ୍ତ ହେଲେ ସ୍ୱର୍ଗ ବି ନର୍କ ଲାଗେ ।ତାଙ୍କର ଗୋଟିଏ କଥା ସମସ୍ତଙ୍କ ଆଖିକୁ ଲୁହ ଆଣି ଦିଏ ମା' ବାପାଙ୍କୁ ଦୁଃଖ ଦେଇ ତୁମେ ମନ୍ଦିରରେ ଯେତେ ପୂଜା କଲେ ବି ଭଗବାନ ଖୁସି ହେବେ ନାହିଁ। ପ୍ରଥମେ ଘରକୁ ମନ୍ଦିର କର, ମା' ବାପାଙ୍କୁ ଭଗବାନ ଭାବ। ସେ ଶିଖାଇଲେ ଜୀବନ ଜିଇଁବାର ୩ଟି ଧାରା କହିଥିଲେ । ସତ୍ୟ କହ, ସେବା କର, କ୍ଷମା କର । ଶେଷରେ କହିଥିଲେ । ଜୀବନ ଛୋଟ, କାହାକୁ କଷ୍ଟ ଦେଇ ନୁହଁ, କାହାକୁ ଖୁସି ଦେଇ ବଞ୍ଚ। ଏହା ହିଁ ପ୍ରକୃତ ଧର୍ମ।ଶେଷରେ ଜଣେ ବରିଷ୍ଠ କବି ଶ୍ରୀମତୀ ବିଜୟ ଲକ୍ଷ୍ମୀ ପଟ୍ଟନାୟକ ସମସ୍ତକୁ ଧନ୍ୟବାଦ୍ ଦେଇ ସଭାକୁ ଭଙ୍ଗ କରିଥିଲେ।

ଲକ୍ଷ୍ମୀଯୋର ସଫେଇ ପାଇଁ ଜିଲ୍ଲାପାଳଙ୍କୁ କଂଗ୍ରେସର ଦାବିପତ୍ର, ୧୫ ଦିନ ଭିତରେ କାମ ନ ହେଲେ ହେବ ଆନ୍ଦୋଳନ

ବଲାଙ୍ଗିର, ୧୨/୧୧ : ବଲାଙ୍ଗିର ସହରର ମଧ୍ୟ ଭାଗରେ ଅବସ୍ଥିତ ଲକ୍ଷ୍ମୀଯୋର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରାକୃତିକ ଜଳଉତ୍ସ । ଏହାର ସୁରକ୍ଷା, ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ପାଇଁ ଅତିତରେ ଅନେକ ଯୋଜନା ଓ ପରିକଳ୍ପନା ହାତକୁ ନିଆଯାଇଥିଲା । ବିଶେଷ କରି ୨୦୧୪ ମସିହା ପରେ ତତ୍କାଳିନ ବଲାଙ୍ଗିର ବିଧାୟକ ତଥା ରାଜ୍ୟ ବିଧାନସଭାର ତତ୍କାଳିତ ବିରୋଧୀ ଦଳ ନେତା ନରସିଂହ ମିଶ୍ରଙ୍କ ଉଦ୍ୟମ କ୍ରମେ ଲକ୍ଷ୍ମୀଯୋରର ସୌନ୍ଦର୍ଯ୍ୟକରଣ କାମ ଆରମ୍ଭ ହୋଇଥିଲା । କିନ୍ତୁ, ଦୁର୍ଭାଗ୍ୟବଶତଃ ତତ୍କାଳିନ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ବିରୋଧ ଓ ବିଭିନ୍ନ ବାଧାବିଘ୍ନ କାରଣରୁ ଏହି ପ୍ରକଳ୍ପଟି ଅଧାପାନ୍ତରିଆ ଅବସ୍ଥାରେ ରହିଗଲା । ଆଜି ଲକ୍ଷ୍ମୀଯୋରର ଅବସ୍ଥା ଅତ୍ୟନ୍ତ ଶୋଚନୀୟ । ଏହାର ଜଳଶଯ୍ୟାରେ ଟନ୍ ଟନ୍ ଅଳିଆ ଆବର୍ଜନା ଜମା ହୋଇ ଜଳ ଓ ପରିବେଶକୁ ଗୁରୁତର ଭାବେ ପ୍ରଦୂଷିତ କରୁଛି । ଏହା ଦ୍ୱାରା ଦୁର୍ଗନ୍ଧ, ମଶାମାଛିଙ୍କ ପ୍ରାଦୁର୍ଭାବ ଏବଂ ଜନସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି ହେବା ସହ ସହରର ପରିବେଶଗତ ଅସନ୍ତୁଳନ ମଧ୍ୟ ବିପର୍ଯ୍ୟସ୍ତ ହେଉଛି । ସହରର ପରିମଳ ବ୍ୟବସ୍ଥା, ଜଳଉତ୍ସ ଗୁଡିକର ସୁରକ୍ଷା ଓ ସ୍ୱଚ୍ଛତା ବଜାୟ ରଖିବା ବଲାଙ୍ଗିର ପୌରପାଳିକାର ଏକ ପ୍ରମୁଖ ଦାୟିତ୍ୱ । କିନ୍ତୁ ଅତ୍ୟନ୍ତ ପରିତାପର ବିଷୟ ଯେ, ଯେଉଁ ପୌରପାଳିକା ସହରକୁ ସ୍ୱଚ୍ଛ ରଖିବାର ଦାୟିତ୍ୱ ବହନ କରୁଛି, ସେହି ପୌରପାଳିକା ପକ୍ଷରୁ ଲକ୍ଷ୍ମୀଯୋରର ଜଳଶଯ୍ୟାକୁ ଆବର୍ଜନା ପକାଇ ଲକ୍ଷ୍ମୀଯୋରକୁ ଦୂଷିତ କରୁଅଛି । ଏହି ସମସ୍ୟାର ସମାଧାନ ପାଇଁ କ୍ଷୁଦ୍ର ଜଳସେଚନ ବିଭାଗକୁ ବାରମ୍ବାର ଅନୁରୋଧ କରାଯାଇଥିଲେ ମଧ୍ୟ ଏଯାବତ୍ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଇନାହିଁ । ବିଭାଗୀୟ ସମନ୍ୱୟର ଅଭାବ ଓ ପ୍ରଶାସନିକ ଉଦାସୀନତା ଯୋଗୁଁ ଲକ୍ଷ୍ମୀଯୋରର ଅବସ୍ଥା ଦିନକୁ ଦିନ ଅଧିକ ଦୟନୀୟ ହେବାରେ ଲାଗିଛି । ତେଣୁ ନିମ୍ନ ଲିଖିତ ଦାବିକୁ ନେଇ ନଗର କଂଗ୍ରେସ ସଭାପତି ବୁଲୁ ଦାନୀଙ୍କ ନେତୃତ୍ୱରେ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା । ଲକ୍ଷ୍ମୀଯୋର ସମଗ୍ର ଜଳଶଯ୍ୟାରୁ ଜମା ହୋଇଥିବା ଅଳିକା ଆବର୍ଜନା ତୁରନ୍ତ ସଫା କରାଯାଉ, ଲକ୍ଷ୍ମୀଯୋରକୁ ଆବର୍ଜନାମୁକ୍ତ ରଖିବା ପାଇଁ ସ୍ଥାୟୀ ପରିମଳ ବ୍ୟବସ୍ଥା ଓ ନିୟମିତ ସଫେଇର ବ୍ୟବସ୍ଥା କରାଯାଉ, ଲକ୍ଷ୍ମୀଯୋର ମଧ୍ୟରେ ଆବର୍ଜନା ପକାଇବା ଉପରେ ସମ୍ପୂର୍ଣ୍ଣ ରୋକ୍ ଲଗାଯିବା ସହ ଦୋଷୀଙ୍କ ବିରୋଧରେ ଆଇନ ଅନୁଯାୟୀ ପଦକ୍ଷେପ ନିଆଯାଉ । ଯଦି ଏହି ଦାବି ଗୁଡିକ ପ୍ରଶାସନ ତରଫରୁ ୧୫ ଦିନ ଭିତରେ ପୁରଣ ନ କଲେ ଏକ ତୀବ୍ରତର ଆନ୍ଦୋଳନ ହେବ ବୋଲି ନଗର କଂଗ୍ରେସ ସଭାପତି ବୁଲୁ ଦାନି ଚେତାଇ ଦେଇଛନ୍ତି । ଏହି ପ୍ରତିନିଧି ମଣ୍ଡଳିରେ ପୂର୍ବତନ କାର୍ଯ୍ୟକାରୀ ସଭାପତି ମନୀଷ ମିଶ୍ର, ଓମ୍ ପ୍ରକାଶ କୁମ୍ଭାର, କୈଳାସ ମିଶ୍ର, ସଂଜୟ ମିଶ୍ର, ଜ୍ୟୋତି ରଂଜନ ନାଗ, ହିମାଂଶୁ ନାଏକ, ଜିଲ୍ଲା କୃଷକ ସଂଘ ସଭାପତି ସାନନ୍ଦ ମିଶ୍ର, ସମିର କୁମ୍ଭାର, ଯୁବ କଂଗ୍ରେସ ସଭାପତି ଅଙ୍କିତ ସାହୁ, ଛାତ୍ର କଂଗ୍ରେସ ସଭାପତି ଚିନ୍ମୟ ସାହୁ, ଲୋପନ ମିଶ୍ର, ସୀତାରାମ କୁମ୍ଭାର, ଜ୍ୟୋତିଷ ମୁଗ୍ରୀ , ସୋହନ ନାଗ ପ୍ରମୁଖ ସାମିଲ ଥିଲେ ।

ଅରଡ଼ା ଏସଏସଡି ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାପାଳଙ୍କ ଅଚାନକ ଗସ



କୋଶଳ ସମ୍ବାଦ

ଶୁକ୍ରବାର ୧୩ ନଭେମ୍ବର ୨୦୨୬



ଲୋକଙ୍କ ସମ୍ପତ୍ତିର ପ୍ରାପ୍ୟ ଦେବାର ବିନା କୌଣସି ଆଧାର ଥାଇ ବର୍ଷ ବର୍ଷ ଧରି ପ୍ରତାରଣା

୧୨ ଦିନରେ ପହଞ୍ଚିଲା ଓସିପିଏଲ୍ ବିସ୍ଥାପିତଙ୍କ ଧାରଣା

ବିଧାୟକ ପହଞ୍ଚିଥିଲେ, ସାଂସଦ ଓ ଜିଲ୍ଲା ପ୍ରଶାସନର ଦେଖାନାହିଁ; ୧୪ ତାରିଖରୁ ଆନ୍ଦୋଳନ ହେବ ତୀବ୍ର



ସୁନ୍ଦରଗଡ଼: ଓସିପିଏଲ୍ ମନୋହରପୁର କୋଇଲା ଖଣି ଦ୍ୱାରା ବିସ୍ଥାପିତ ଆଦିବାସୀ ପରିବାରଙ୍କ ଜଙ୍ଗଲ ଜମି (IFR) ଅଧିକାରର ଉପଯୁକ୍ତ କ୍ଷତିପୂରଣ ଦାବିରେ କମ୍ପାନୀ ଗେଟ୍ ସମ୍ମୁଖରେ ଚାଲିଥିବା ଧାରଣା ଆଜି ୧୨ ଦିନରେ ପହଞ୍ଚିଛି। ଆସନ୍ତା ୧୪/୧୧/୨୦୨୬ ଶନିବାର ସୁଦ୍ଧା ସମାଧାନ ନହେଲେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବା ସହ କୋଇଲା ଉତ୍ତୋଳନ ଓ ପରିବହନ ବନ୍ଦ କରିବାକୁ ଆନ୍ଦୋଳନକାରୀ ମାନେ ଚେତାବନୀ ଦେଇଛନ୍ତି। ବିସ୍ଥାପିତଙ୍କ ସମସ୍ୟା ଓ ଦାବି ବୁଝିବା ପାଇଁ ଆଜି ଅପରାହ୍ନରେ ବିସ୍ଥାପିତଙ୍କ ପ୍ରତିନିଧି ତଥା ନେତା ଡାକ୍ତର ହିମାଂଶୁ ଶେଖର ଷଡ଼ଙ୍ଗୀ ଧାରଣାସ୍ଥଳରେ ପହଞ୍ଚି ଆଲୋଚନା କରିଥିଲେ। ସଦର ବିଧାୟକ ଶ୍ରୀ ଯୋଗେଶ ସିଂହ ମଧ ଏହି ସମସ୍ୟା ନେଇ ପଦକ୍ଷେପ ନେଇଥିବା ବେଳେ ସାଂସଦ ଓ ଜିଲ୍ଲା ପ୍ରଶାସନର ଅନୁପସ୍ଥିତିକୁ ନେଇ ବିସ୍ଥାପିତଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଛି। ଡାକ୍ତର ଷଡ଼ଙ୍ଗୀ କହିଛନ୍ତି ଯେ, ଜିଲ୍ଲାପାଳ ଜାନୁଆରୀ ମାସରେ ଦୁଇ ମାସ ମଧରେ ସମସ୍ୟାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ତାହା ପାଳନ ନହେବା ଦୁର୍ଭାଗ୍ୟଜନକ। ଜିଲ୍ଲା ଯାତ୍ରା ମହୋତ୍ସବ ଯେତିକି ଚର୍ଚ୍ଚାରେ ରହିଲା, ତାଠାରୁ ଅଧିକ ଜିଲ୍ଲାପାଳଙ୍କ ପ୍ରତିଶ୍ରୁତି ଭଙ୍ଗ ଓ ପ୍ରଶାସନର ଦୋମୁହାଁ ନୀତି ଯୋଗୁଁ ଜନସାଧାରଣଙ୍କ ବିଶ୍ୱାସ କ୍ଷୁଣ୍ଣ ହୋଇଛି। ORSAC ନାମରେ ଆଉ କେତେଦିନ ପ୍ରଶାସନିକ ଚାଲବାଜି କରିବାର ପ୍ରଶ୍ନ ବେଳେ ପ୍ରଶାସନ ନିରବ ରହୁଛି । ଡାକ୍ତର ଷଡ଼ଙ୍ଗୀ କହିଛନ୍ତି ଯେ, ORSACe କାର୍ଯ୍ୟ ହେଉଛି ଜଙ୍ଗଲ ଜମି ଅଧିକାରର ସୀମା ଓ ଅବସ୍ଥିତିକୁ GPS/GIS ଏବଂ ସାଟେଲାଇଟ୍ ମାଧମରେ ସର୍ଭେ କରି ତଥ୍ୟ ରେକର୍ଡ କରିବା। କାହାକୁ ଜଙ୍ଗଲ ଅଧିକାର ମିଳିବ, କେତେ ଜମି ମିଳିବ କିମ୍ବା ପୂର୍ବରୁ ମଞ୍ଜୁର ହୋଇଥିବା ଅଧିକାରକୁ ଖାରଜ କରିବା ORSACe କାର୍ଯ୍ୟ ନୁହେଁ। FRA-2006 ଅନୁଯାୟୀ ଗ୍ରାମସଭା ଓ ଜଙ୍ଗଲ ଅଧିକାର କମିଟିର ଯାଞ୍ଚ ଓ ସୁପାରିସ ପରେ SDLC ଏବଂ DLC ମାଧମରେ ଅଧିକାର ନିର୍ଦ୍ଧାରଣ ହୋଇଥାଏ। ଆଦିବାସୀଙ୍କ ଜଙ୍ଗଲ ଜମି ଅଧିକାର କେବଳ ଚାଷ ଜମିରେ ସୀମିତ ନୁହେଁ। ତେଣୁ ପୂର୍ବରୁ ବିଧିବଦ୍ଧ ଭାବେ ମଞ୍ଜୁର ହୋଇଥିବା ଓରଜ ପଟ୍ଟାଧାରୀଙ୍କ ଅଧିକାରକୁ ବହୁ ବର୍ଷ ପରେ କେବଳ ସାଟେଲାଇଟ୍ ରିପୋର୍ଟ ଆଧାରରେ ପ୍ରଶ୍ନବାଚୀ କରିବା ଆଇନସମ୍ମତ କି ନୁହେଁ, ତାହାର ସ୍ପଷ୍ଟ ଉତ୍ତର ପ୍ରଶାସନ ଦେବା ଆବଶ୍ୟକ। ୨୦୧୨ ମସିହା ପୂର୍ବରୁ ଅଧିକାର ମଞ୍ଜୁର ହୋଇଥିବା ଆଦିବାସୀ ପରିବାରଙ୍କ କ୍ଷେତ୍ରରେ ପୁନର୍ବାର ORSAC ସର୍ଭେ କରି ସେମାନଙ୍କ ଅଧିକାରକୁ ଦୁର୍ବଳ କରିବାର କୌଣସି ଆଇନଗତ ଆଧାର ରହିଛି କି? ଏହା ଜିଲ୍ଲାପାଳ ସ୍ପଷ୍ଟ କରନ୍ତୁ ବୋଲି ସେ ପ୍ରଶ୍ନ କରିଛନ୍ତି। ପଞ୍ଚମ ଅନୁସୂଚୀ ଅନ୍ତର୍ଗତ ଆଦିବାସୀ ଅଞ୍ଚଳରେ ଆଦିବାସୀଙ୍କ ଜଙ୍ଗଲ ଅଧିକାର ଏକ ବୈଧାନିକ ଓ ସାମ୍ବିଧାନିକ ସୁରକ୍ଷାପ୍ରାପ୍ତ ଅଧିକାର। ଏହାକୁ ପ୍ରଶାସନିକ ବିଳମ୍ବ ଓ ଅଯଥା ସର୍ଭେ ଆଳରେ କ୍ଷୁଣ୍ଣ କରିବା ଗ୍ରହଣୀୟ ନୁହେଁ। ଢଜଌଇଉ ରିପୋର୍ଟକୁ ଆଳ କରି କୌଣସି ଅଧିକାରୀ କିମ୍ବା ଉଚ୍ଚସ୍ତରୀୟ କମିଟି ଆଇନରେ ନିର୍ଦ୍ଧାରିତ ପ୍ରକ୍ରିୟାକୁ ଏଡ଼ାଇ ଯାଇପାରିବେ ନାହିଁ। ଏହି ସମସ୍ୟାକୁ ନେଇ ଡାକ୍ତର ଷଡ଼ଙ୍ଗୀ ସଦର ବିଧାୟକ ଶ୍ରୀ ଯୋଗେଶ ସିଂହଙ୍କ ସହ ରାଜସ୍ୱ ବିଭାଗକୁ ଯାଇ ସ୍ପଷ୍ଟୀକରଣ ମାଗିଥିଲେ। ବିଭାଗ ପକ୍ଷରୁ ଆବଶ୍ୟକ ପତ୍ର ଜାରି ହୋଇଥିଲେ ମଧ ଜିଲ୍ଲା ପ୍ରଶାସନ କାହିଁକି ନିଷ୍ପତ୍ତି ନେବାରେ ବିଳମ୍ବ କରୁଛି, ତାହା ଆଶ୍ଚର୍ଯ୍ୟଜନକ। ଏହା ଆଦିବାସୀଙ୍କ ସାମ୍ବିଧାନିକ ଅଧିକାର ପ୍ରତି ଅବହେଳା ଓ ପ୍ରତାରଣା ନୁହେଁ କି ବୋଲି ସେ ପ୍ରଶ୍ନ କରିଛନ୍ତି। ଆଜି କମ୍ପାନୀ ଅଧିକାରୀ ଜିଲ୍ଲାପାଳଙ୍କୁ ଭେଟିବାକୁ ଚେଷ୍ଟା କରିଥିଲେ ମଧ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ଯୋଗୁଁ ଭେଟ ହୋଇପାରିନଥିଲା। ଖଣି ଅଧିକାରୀ ଆସନ୍ତାକାଲି ଜିଲ୍ଲାପାଳଙ୍କ ସହ ଏ ବିଷୟରେ ଆଲୋଚନା କରିବେ ବୋଲି ଜଣାଇଛନ୍ତି। ତୁରନ୍ତ ସମାଧାନ ନହେଲେ ବିଧାୟକଙ୍କ ସହ ଆନ୍ଦୋଳନରେ ସାମିଲ ହେବେ ଡାକ୍ତର ଷଡ଼ଙ୍ଗୀ। ଆସନ୍ତା ୧୪ ତାରିଖ ସୁଦ୍ଧା ଜିଲ୍ଲା ପ୍ରଶାସନ ଓ କମ୍ପାନୀ ନିର୍ଦ୍ଦିଷ୍ଟ ସମାଧାନର ପଦକ୍ଷେପ ନ ନେଲେ ବିସ୍ଥାପିତଙ୍କ ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ସେ ଚେତାବନୀ ଦେଇଛନ୍ତି।

ଭିତର ପୃଷ୍ଠାର ଅବଶିଷ୍ଟାଂଶ....

ଓଡ଼ିଶା-ଜାପାନ ସମ୍ପର୍କରେ ନୂଆ ଅଧ୍ୟାୟ...

(ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)ଏହି ବୁଝାମଣାର ଏକ ବଡ଼ ଦିଗ ହେଉଛି ଦକ୍ଷତା ବିକାଶ ଓ ନିଯୁକ୍ତି ସୁଯୋଗ। ଭୁବନେଶ୍ୱରସ୍ଥିତ ୱାର୍ଲ୍ଡ ସ୍କିଲ୍ ସେ ର ଟୋଟୋରି ପ୍ରଶାସନ ସହଯୋଗରେ ଶିଳ୍ପ ଆଧାରିତ ବୃ ିଗତ ପ୍ରଶିକ୍ଷଣ ଓ ଜାପାନୀ ଭାଷା ଶିକ୍ଷା ପ୍ରଦାନ କରିବା ଦିଗରେ କାମ କରିବ। ବିଶେଷକରି ଉତ୍ପାଦନ ଶିଳ୍ପ ଓ ନର୍ସିଂ କେୟାର କ୍ଷେତ୍ରରେ ତାଲିମ ଦେବା ଉପରେ ଗୁରୁତ୍ୱ ରହିଛି। ସେହିପରି ଷ୍ଟାର୍ଟଅପ୍ ଓ ଛୋଟ ଶିଳ୍ପ ଉଦ୍ୟୋଗଗୁଡ଼ିକୁ ଅନ୍ତର୍ଜାତୀୟ ବଜାର ସହ ଯୋଡ଼ିବା ପାଇଁ ମଧ ଯୋଜନା ରହିଛି। ଓଡ଼ିଶାର ଯୁବ ଉଦ୍ୟୋଗୀମାନେ ଜାପାନର ବ୍ୟବସାୟିକ ସଂସ୍ଥା ସହ ସମ୍ପର୍କ ସ୍ଥାପନ କରିବା, ନୂଆ ପ୍ରଯୁକ୍ତି ଶିଖିବା ଓ ପୁଞ୍ଜିନିବେଶକାରୀଙ୍କ ସହ ଯୋଡ଼ିହେବାର ସୁଯୋଗ ପାଇପାରିବେ। ମୁଖ୍ୟମନ୍ତ୍ରୀ ରାଜ୍ୟର ଶିଳ୍ପ, ଏମ୍?ଏସ୍?ଏମ୍?ଇ ଓ ଷ୍ଟାର୍ଟଅପ୍ କ୍ଷେତ୍ରରେ ଜାପାନୀ ସଂସ୍ଥାଗୁଡ଼ିକୁ ନିବେଶ ପାଇଁ ଆମନ୍ତ୍ରଣ କରିଛନ୍ତି। ଓଡ଼ିଶାରେ ପୂର୍ବରୁ ମଧ ଜାପାନୀ କମ୍ପାନୀଗୁଡ଼ିକ କାର୍ଯ୍ୟ କରୁଛନ୍ତି। ତେଣୁ ଏହି ସହଯୋଗ ଆଗାମୀ ଦିନରେ ଶିଳ୍ପ ବିକାଶକୁ ଅଧିକ ଗତି ଦେଇପାରେ। ତେବେ ଏହି ଚୁକ୍ତିର ପ୍ରକୃତ ସଫଳତା କେବଳ ସ୍ୱାକ୍ଷରରେ ସୀମିତ ନ ରହି ଭୂମିସ୍ତରରେ କେତେ ନୂଆ ନିଯୁକ୍ତି, କେତେ ନୂଆ ଉଦ୍ୟୋଗ ଓ କେତେ ପୁଞ୍ଜିନିବେଶ ସୃଷ୍ଟି କରିପାରୁଛି, ତାହା ଉପରେ ନିର୍ଭର କରିବ।

ମାଲପଡ଼ା ନାଗରୀକ କମିଟିର ବୈଠକ

ବଲାଙ୍ଗୀର,୧୨/୧୧: ମାଲପଡା ନାଗରିକ କମିଟିର ବୈଠକ ସଭାପତି ଗୋପବନ୍ଧୁ ପୁରୋହିତଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସଭା ପ୍ରାରମ୍ଭରେ ମାଲପଡାର କେତେକ ବ୍ୟକ୍ତିଙ୍କର ସ୍ୱର୍ଗବାସ ହୋଇଥିବାରୁ ତାଙ୍କର ଆତ୍ମାର ସଦଗତି ପାଇଁ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ସଭାରେ ପଡାରେ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ପଡ଼ାରେ ପୌରପାଳିକା ଦ୍ୱାରା ନିୟମିତ ମଶା ତେଲ ଓ ମଶା ଧୂଆଁ ଦିଆଯାଉନଥିବାରୁ ମଶାର ପ୍ରାଦୁର୍ଭାବ ଦିନକୁ ବୃଦ୍ଧି ପାଉଛି ଓ ଲୋକେ ନାନା ରୋଗରେ ଆକ୍ରାନ୍ତ ହେଉଛନ୍ତି। ତେଣୁ ପୌର ପାଳିକା ଏହା ଉପରେ ବିହିତ ପଦକ୍ଷେପ ନିମନ୍ତେ ପୌର ପାଳିକାର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଅନ୍ୟ ଏକ ପ୍ରସ୍ତାବ କ୍ରମେ ଜନସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ପାନୀୟ ଜଳ ଯୋଗାଣ ସମୟରେ ବିଦ୍ୟୁତ ବିଭାଗ ଦ୍ୱାରା ସେହି ସମୟରେ ବିଦ୍ୟୁତ କାଟ କରାଯାଉଥିବା ଯୋଗୁଁ ଜନ ସାଧାରଣ ପାନୀୟ ଜଳ ପାଇବାରେ ବ୍ୟାଘାତ ସୃଷ୍ଟି ହେଉଛି। ଏଣୁ ବିଦ୍ୟୁତ ବିଭାଗ ଓ ଜନସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ବିହିତ ପଦକ୍ଷେପ ନେବାକୁ ମତପ୍ରକାଶ ପାଇଥିଲା। ସହରରେ ବୁଲା କୁକୁର ଙ୍କ ସଂଖ୍ୟା ଦିନକୁ ଦ୍ରୁତ ଗତିରେ ବୃଦ୍ଧି ପାଉଥିବାରୁ କୁକୁରମାନଙ୍କ ଆକ୍ରମଣରେ ଜନସାଧାରଣ ଶିକାର ହେଉଛନ୍ତି ଏବଂ ଆତଙ୍କିତ ଅବସ୍ଥାରେ ଜାତାୟତ କରୁଛନ୍ତି। ତେଣୁ ପୌର ପାଳିକା ଏହା ଉପରେ ବିହିତ ପଦକ୍ଷେପ ନେବାକୁ ମତ ପ୍ରକାଶ ପାଇଥିଲା।

ସ୍ୱର୍ଗୀୟା ବିଶାଖା ତ୍ରିପାଠୀଙ୍କ ଦ୍ୱାଦଶାହ: ଶ୍ରଦ୍ଧାଞ୍ଜଳି ଜଣାଇଲେ ଉପମୁଖ୍ୟମନ୍ତ୍ରୀ, ସାଂସଦ ଓ ବିଧାୟକ



ସୁବର୍ଣ୍ଣପୁର, ୧୨/୧୧ (ସରୋଜ ପ୍ରକାଶ ପଧାନ): ସୋନପୁରର ବରିଷ୍ଠ ସାମ୍ବାଦିକ ମନୋରଞ୍ଜନ ତ୍ରିପାଠୀ ଓ ବିଜେପି ର ମିଡିଆ ପ୍ରଭାରୀ ନିରଞ୍ଜନ ତ୍ରିପାଠୀଙ୍କ ମାତା ସ୍ୱର୍ଗତ ବିଶାଖା ତ୍ରିପାଠୀଙ୍କ ଦ୍ୱାଦଶାହ ଉତ୍ସବରେ ଯୋଗ ଦେଇ ଶୋକ ସନ୍ତପ୍ତ ପରିବାରକୁ ସୋନପୁର ଗ୍ରୀଡକୋ କଲୋନୀ ସ୍ଥିତ ବାସ ଭବନ ରେ ଭେଟିଲେ ଓ ସ୍ୱର୍ଗୀୟକ୍ଷ ତ୍ରିପାଠୀଙ୍କ ଫଟୋ ଚିତ୍ରରେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରି ସମବେଦନା ଜଣାଇଲେ ଓଡ଼ିଶା ସରକାରଙ୍କ ଉପ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ କନକ ବର୍ଦ୍ଧନ ସିଂହଦେଓ, ବଲାଙ୍ଗିର ଲୋକସଭା ସାଂସଦ ଶ୍ରୀମତୀ ସଙ୍ଗୀତା କୁମାରୀ ସିଂହଦେଓ ଏବଂ ବୀର ମହାରାଜ ପୁର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଶ୍ରୀ ରଘୁ ନାଥ ଜଗଦଲା । ଏହା ସହିତ ସୁବର୍ଣ୍ଣପୁର ଜିଲ୍ଲାପାଳ ଶ୍ରୀ ଦେବାଶିଷ୍ ସିଂ IAS, ଏସ ପି ଶ୍ରୀ ନାରାୟଣ ନାଏକ, ଏ ଡି ଏମ ଶ୍ରୀ ରାଜେନ୍ଦ୍ର ମାଝୀ, ଏ ଡି ଏମ୍ ଅନିରୁଦ୍ଧ ପ୍ରଧାନ, ରାଜ୍ୟ ସରକାରଙ୍କ ଶ୍ରମ ବିଭାଗ ର ଅତିରିକ୍ତ ସଚିବ ଶ୍ରୀମତୀ ଅଞ୍ଜଳୀନା ପଧାନ, ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପ୍ରାକ୍ତନ ନିର୍ଦ୍ଦେଶକ ଡ଼ା ପ୍ରଦୀପ କୁମାର ଗୁରୁ, ସି ଡି ଇ ଓ ଶ୍ରୀ ଅଶ୍ୱିନୀ ମେହେର, ଉପ ଜିଲ୍ଲାପାଳ ଡଃ ସୌମ୍ୟ ରୁପା ରଥ, ଡି ଏସ ପି ରେଣୁକା ସୁନା, ଜିଲ୍ଲା ଯୋଗାଣ ଅଧିକାରୀ ନିରଦ ରଞ୍ଜନ ଦାସ, ଜରୁରୀ କାଳୀନ୍ଦି ଭାଗ ଅଧିକାରୀ, ଶ୍ରମ ବିଭାଗ ସହ ଅଧିକାରୀ ଶାଶ୍ୱତ ସୌମ୍ୟ କାନ୍ତ ସାହୁ , ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ଜିଲ୍ଲା ସ୍ତରୀୟ ବିଭିନ୍ନ ଅଧିକାରୀ ଓ ସୋନପୁର ବ୍ଲକ ଅଞ୍ଚଳ ତଥା ସହରର ହଜାର ହଜାର ଆତ୍ମୀୟ ସ୍ୱଜନ ଯୋଗ ଦେଇ ସ୍ୱର୍ଗୀୟା ତ୍ରିପାଠୀଙ୍କ ଫଟୋ ଚିତ୍ର ରେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ ।

ନୂତନ ବସ୍ ଟର୍ମିନାଲକୁ ଜିଲ୍ଲାପାଳଙ୍କ ଅଚାନକ ଗସ୍ତ; ସ୍ୱଚ୍ଛତା, ଯାତ୍ରୀ ସୁବିଧା ଓ ସୁରକ୍ଷା ବ୍ୟବସ୍ଥାର କଲେ ତୃଣମୂଳ ସମୀକ୍ଷା

ଝାରସୁଗୁଡ଼ା, ୧୨ /୧୧: ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଆଜି ସ୍ଥାନୀୟ ବସ୍ ଟର୍ମିନାଲ୍ ପରିସରକୁ ଅଚାନକ ଗସ୍ତ କରି ସାମଗ୍ରିକ ଭିତିଭୂମି ତଥା ଯାତ୍ରୀ ସେବା ସୁବିଧାର କ୍ଷେତ୍ର ପରିଦର୍ଶନ କରିଛନ୍ତି। ଏହି ଅଚାନକ ନିରୀକ୍ଷଣ ସମୟରେ ଜିଲ୍ଲାପାଳ ଯାତ୍ରୀ ପ୍ରତୀକ୍ଷାଳୟ, ପରିସରର ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥା ଏବଂ ବସିବା ପାଇଁ ଉଦ୍ଦିଷ୍ଟ ବେଂଚଗୁଡ଼ିକର ସ୍ଥିତି କରି ଯାଂଚ୍ କରିଥିଲେ। ଯାତ୍ରୀମାନେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନହୁଅନ୍ତି ଏବଂ ପରିସର ଯେପରି ସର୍ବଦା ନିର୍ମଳ ରହେ, ସେଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଏହା ସହିତ ଟର୍ମିନାଲ୍ ପରିସରରେ ଯାତ୍ରୀମାନଙ୍କ ନିରାପତ୍ତାକୁ ସର୍ବାଧିକ ପ୍ରାଥମିକତା ଦେଇ ସୁରକ୍ଷା ବ୍ୟବସ୍ଥା ଏବଂ ସମ୍ଭାବ୍ୟ ସମସ୍ୟାର ସମାଧାନ ପାଇଁ ଆବଶ୍ୟକୀୟ ପଦକ୍ଷେପ ଉପରେ ଜିଲ୍ଲାପାଳ ସମୀକ୍ଷା କରିଥିଲେ। ଟର୍ମିନାଲ୍ ଅନ୍ତର୍ଗତ ବ୍ୟବସାୟିକ ଦୋକାନ ଏବଂ ହୋଟେଲଗୁଡ଼ିକର ସ୍ଥାନ ଉପଯୋଗିତା ତଥା ଖାଲି ପଡ଼ିଥିବା ଗୃହଗୁଡ଼ିକର ସଠିକ୍ ବ୍ୟବହାର ନିମନ୍ତେ ସେ ଯାଂଚ୍ କରିଥିଲେ। ଅନ୍ୟପକ୍ଷରେ ଓଏସ୍ଆର୍ଟିସି ଏବଂ ଘରୋଇ ବସ୍ ଚଳାଚଳ, ନିର୍ଦ୍ଦିଷ୍ଟ ବସ୍ ବେ' ଗୁଡ଼ିକର ସୁପରିଚାଳନା ଏବଂ ପରିସରରେ ଥିବା ଇଭି ଚାର୍ଜିଂ ଷ୍ଟେସନର କାର୍ଯ୍ୟକ୍ଷମତା ସମ୍ପର୍କରେ ସେ ଅଧିକାରୀମାନଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। ସାମଗ୍ରିକ ଭାବେ ବସ୍ ଟର୍ମିନାଲର ଭିତିଭୂମି ବିକାଶ ଓ ସାଧାରଣ ଯାତ୍ରୀଙ୍କ ନିମନ୍ତେ ଉଦ୍ଦିଷ୍ଟ ମୌଳିକ ସୁବିଧା ସୁଯୋଗକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ଗସ୍ତ ସମୟରେ ସହକାରୀ ପରିଚାଳକ ଚିରନ୍ତନ ପାଲଙ୍କ ସମେତ ଟର୍ମିନାଲ୍ ପରିଚାଳନା ଦାୟିତ୍ୱରେ ଥିବା ଅନ୍ୟାନ୍ୟ କର୍ମଚାରୀ ଓ ଅଧିକାରୀମାନେ ଉପସ୍ଥିତ ରହି ଜିଲ୍ଲାପାଳଙ୍କୁ ସମସ୍ତ ସୂଚନା ପ୍ରଦାନ କରିଥିଲେ।

ଝାରସୁଗୁଡ଼ା ଡିଏଭିରେ ତ୍ରିଦିବସୀୟ ଶିଶୁ ମହୋତ୍ସବ-୨୦୨୬ ଉଦଘାଟିତ

ଝାରସୁଗୁଡ଼ା:, ୧୨ ନଭେମ୍ବର (ହି.ସ.)ଡିଏଭି ପବ୍ଲିକ ସ୍କୁଲ, ଝାରସୁଗୁଡ଼ା ପରିସରରେ ଆଜି ଶିଶୁ ମହୋତ୍ସବ-୨୦୨୬ ଉତ୍ସାହ, ଉଦ୍ଦୀପନା ଓ ଆନନ୍ଦମୟ ପରିବେଶ ମଧରେ ଉଦଘାଟିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ସାହିତ୍ୟ ସାଧନା, କଳାତ୍ମକ ଅଭିବ୍ୟକ୍ତି, ବୌଦ୍ଧିକ ଚର୍ଚ୍ଚା, ସାଂସ୍କୃତିକ ପରିବେଷଣ ଓ ଭବିଷ୍ୟତମୁଖୀ ବୃତ୍ତିଗତ ସଚେତନତାର ଏକ ମନୋରମ ସମାହାର ପରିଲକ୍ଷିତ ହୋଇଥିଲା । ଶିଶୁ ମହୋତ୍ସବ-୨୦୨୬ ସହ ପୁସ୍ତକ ମେଳାର ଶୁଭାରମ୍ଭ ହୋଇଥିଲା ଯାହାକି ଛାତ୍ରଛାତ୍ରୀଙ୍କ ମଧରେ ସୃଜନଶୀଳତା, ଆତ୍ମବିଶ୍ୱାସ, ଯୋଗାଯୋଗ ଦକ୍ଷତା ଓ ସାମଗ୍ରିକ ବ୍ୟକ୍ତିତ୍ୱ ବିକାଶକୁ ପ୍ରୋତ୍ସାହିତ କରିଥିଲା। ଉତ୍ସବର ଅନ୍ୟତମ ପ୍ରମୁଖ ଆକର୍ଷଣ ସାହିତ୍ୟ ସମ୍ମିଳନୀରେ ସାହିତ୍ୟ ଓ ସମାଜ ମଧରେ ଥିବା ନିବିଡ଼ ସମ୍ପର୍କ, ସମାଜର ବାସ୍ତବ ଚିତ୍ର ପ୍ରତିଫଳନ, ସମସାମୟିକ ଚିନ୍ତାଧାରାର ନିର୍ମାଣ ତଥା ଏକ ପ୍ରଗତିଶୀଳ ଭବିଷ୍ୟତର ପରିକଳ୍ପନାରେ ସାହିତ୍ୟର ଭୂମିକାକୁ ସମ୍ମିଳନୀରେ ଆଲୋଚନା କରାଯାଇଥିଲା । ସେହିପରି କ୍ୟାରିୟର ଫେୟାର ମଧ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ବୃତ୍ତିଗତ ସମ୍ଭାବନା ଓ ଭବିଷ୍ୟତର ଶିକ୍ଷାଗତ ତଥା ବୃତ୍ତିଗତ ସୁଯୋଗ ସମ୍ପର୍କରେ ଅବଗତ କରାଇଥିଲା। ବିଦ୍ୟାଳୟ ପରିସରରେ ଦିନତମାମ ଉତ୍ସାହ ଓ ଉଦ୍ଦୀପନାର ପରିବେଶ ଲାଗି ରହିଥିଲା। ମହାପୁରୁଷମାନଙ୍କ ଜୀବନୀ ଆଧାରିତ ଅଭିନୟ, ଇଂରାଜୀ କବିତା ଆବୃତ୍ତି, ତତ୍କାଳିକ ଇଂରାଜୀ ବକ୍ତୃତା, ଇଂରାଜୀ ବିତର୍କ, ଇଂରାଜୀ ଭାଷଣ, ସଙ୍ଗୀତ, ବିଜ୍ଞାପନ ପ୍ରଦର୍ଶନ, ଆନ୍ତଃସଦନ କୁଇଜ, ଗୀତା ଶ୍ଲୋକ ଆବୃତ୍ତି ଓ ଫଟୋଗ୍ରାଫି ଭଳି ବିବିଧ ପ୍ରତିଯୋଗିତାରେ ଛାତ୍ରଛାତ୍ରୀମାନେ ସ୍ୱତଃସ୍ଫୂର୍ତ୍ତ ଭାବେ ଭାଗ ନେଇଥିଲେ। କ୍ଲବ କ୍ୟାବିନେଟ ପକ୍ଷରୁ 'ଖାନା ଖଜାନା' ଶୀର୍ଷକରେ ଆୟୋଜିତ ରୋଷେଇ ଉତ୍ସବ ସହିତ ସୃଜନଶୀଳତା ଓ କଳାତ୍ମକ ପ୍ରତିଭାର ପରିପ୍ରକାଶ ନିମନ୍ତେ ନଡ଼ିଆ ସଜ୍ଜା, ମାଟିପାତ୍ର ଚିତ୍ରାଙ୍କନ ଓ ରଙ୍ଗୋଲି ପ୍ରସ୍ତୁତି ଭଳି ଆକର୍ଷଣୀୟ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ବିଭିନ୍ନ ଶ୍ରେଣୀ ଓ ସଦନର ବିଭିନ୍ନ ପ୍ରତିଯୋଗିତାର କୃତୀ ଓ ପ୍ରତିଭାସମ୍ପନ୍ନ ଅଂଶଗ୍ରହଣକାରୀଙ୍କୁ ସେମାନଙ୍କ ସଫଳତା ଓ ସୃଜନଶୀଳ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା। ଉଦଘାଟନୀ ଦିବସ ଅବସରରେ ସିଲିକନ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜିରୁ ପ୍ରଫେସର ଡ. ତ୍ୟାଗରାଜ ଠାକୁର, ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟରୁ ଅବସରପ୍ରାପ୍ତ ଅଧକ୍ଷ ନରେନ୍ଦ୍ର ପଣ୍ଡା, ସମଲେଶ୍ୱରୀ ଡିଏଭିରୁ ଅବସରପ୍ରାପ୍ତ ଅଧକ୍ଷ ଚିନ୍ମୟ ମହାପାତ୍ର, କେନ୍ଦ୍ରୀୟ ବିଦ୍ୟାଳୟ ଅଧକ୍ଷ ହରିଲାଲ ପଧାନ, ସମଲେଶ୍ୱରୀ ଡିଏଭି ଅଧକ୍ଷା ମାନଭିନ କୌର, ବନହରପାଲି ଡିଏଭି ଅଧକ୍ଷା ଅନିତା ଭାଗ୍ୟରାଜ, ଇବ ଭ୍ୟାଲି ଡିଏଭି ଅଧକ୍ଷ ସୁଶାନ୍ତ କୁମାର ପ୍ରଧାନ ଓ ଡିଏଭି ଅଧକ୍ଷ ଲକ୍ଷ୍ମୀକାନ୍ତ ଦେବତା ପ୍ରମୁଖ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ, ଏହି କାର୍ଯ୍ୟକ୍ରମ ଅଭିନବ କ୍ରିୟାକଳାପ ସହ ଲଗାତାର ତିନିଦିନ ଧରି ଚାଲିବ।



କୋଶଳ ସମ୍ବାଦ

ଅନ୍ତର୍ଜାତୀୟ ଖବର

ଇରାନ ଯୁଦ୍ଧକୁ ନେଇ ଟ୍ରମ୍ପ-ନେତାନ୍ୟାହୁ ମୁହାଁମୁହିଁ, ଫୋନରେ ଉଚ୍ଚବାଚ ହେଲା କଥାବାର୍ତ୍ତା



ନୂଆଦିଲ୍ଲୀ : ଇରାନ ସହିତ ଚାଲିଥିବା ଯୁଦ୍ଧ ହୁଏତ ଥରେ ଆମେରିକା ଏବଂ ଇସ୍ରାଏଲକୁ ଏକତ୍ର କରିଥିଲା, କିନ୍ତୁ ବର୍ତ୍ତମାନ ଏହି ପ୍ରସଙ୍ଗରେ ଦୁଇ ଦେଶର ଶୀର୍ଷ ନେତାଙ୍କ ମଧ୍ୟରେ ଫାଟ ଦେଖାଦେଇଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ସହିତ ପୁନଃ ଆଲୋଚନାକୁ ସମର୍ଥନ କରୁଥିବା ବେଳେ, ଇସ୍ରାଏଲୀ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ତେହେରାନରେ ଶାସନ ପରିବର୍ତ୍ତନ ଏବଂ ନୂତନ ସାମରିକ କାର୍ଯ୍ୟାନୁଷ୍ଠାନ ଉପରେ ଅଟଳ ଅଛନ୍ତି । ଇସ୍ରାଏଲୀ ଗଣମାଧ୍ୟମ ଶଭରଥ ର ଏକ ରିପୋର୍ଟ ଅନୁଯାୟୀ, ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ବେଞ୍ଜାମିନ ନେତାନ୍ୟାହୁଙ୍କ ମଧ୍ୟରେ ଗତ ସପ୍ତାହରେ ଏହି ପ୍ରସଙ୍ଗରେ ଏକ ଉଷ୍ମ ଫୋନ୍ ଆଲୋଚନା ହୋଇଥିଲା । ରିପୋର୍ଟରେ ଦାବି କରାଯାଇଛି ଯେ, ଦୁଇ ନେତାଙ୍କ ମଧ୍ୟରେ ଉଷ୍ମ କଥା ବିନିମୟ ହୋଇଥିଲା। ତଥାପି, ନେତାନ୍ୟାହୁଙ୍କ କାର୍ଯ୍ୟାଳୟ ଏହି ରିପୋର୍ଟକୁ ମିଥ୍ୟା ଖବର ବୋଲି ଖାରଜ କରିଛି । ଜଣେ ବରିଷ୍ଠ ଇସ୍ରାଏଲୀ ଅଧିକାରୀ ମଧ୍ୟ କଥାବାର୍ତ୍ତା ସମୟରେ କୌଣସି ଝଗଡ଼ାକୁ ଅସ୍ୱୀକାର କରିଛନ୍ତି । ଫାଇନାନ୍ସିଆଲ୍ ଟାଇମ୍ସର ଏକ ରିପୋର୍ଟ ଅନୁଯାୟୀ, ନେତାନ୍ୟାହୁ ଇରାନ ଉପରେ ଆକ୍ରମଣ ପୁନଃ ଆରମ୍ଭ କରିବା ବିଷୟରେ ଆଲୋଚନା କରିବାକୁ ପ୍ରତିଦିନ ଟ୍ରମ୍ପଙ୍କୁ କଲ୍ କରୁଛନ୍ତି, ଯେତେବେଳେ ୱାଶିଂଟନ୍ ଅଧିକାରୀ ଏବଂ ଆ ଳିକ ନେତାମାନେ ଆହୁରି ବୃଦ୍ଧିକୁ ରୋକିବାକୁ ଚେଷ୍ଟା କରୁଛନ୍ତି । ଟ୍ରମ୍ପ ନଭେମ୍ବର ୮ ରେ ଏକ ଉଚ୍ଚସ୍ତରୀୟ କାର୍ଯ୍ୟକ୍ରମରେ ସୂଚିତ କରିଥିଲେ ଯେ ସେ ଏହି ସମୟରେ କୌଣସି ବଡ଼ ସାମରିକ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ଦେଖୁନାହାଁନ୍ତି ଏବଂ ଯୁଦ୍ଧକୁ ବୃଦ୍ଧି କରିବାକୁ ଚାହାଁନ୍ତି ନାହିଁ । ବିପରୀତରେ, ନେତାନ୍ୟାହୁ ଇରାନ ଉପରେ ଏକ ଅତ୍ୟନ୍ତ କଠୋର ମନୋଭାବ ଗ୍ରହଣ କରୁଛନ୍ତି । ସେ ବିଶ୍ୱାସ କରନ୍ତି ଯେ କେବଳ ସାମରିକ ଆକ୍ରମଣ ତେହେରାନରୁ ବିପଦକୁ ସ୍ଥାୟୀ ଭାବରେ ଦୂର କରିପାରିବ ନାହିଁ, କାରଣ ଇରାନ ବର୍ତ୍ତମାନର ନେତୃତ୍ୱ ଅଧୀନରେ ଏହାର ପରମାଣୁ କ୍ଷମତା ପୁନଃନିର୍ମାଣ କରିପାରିବ। ନଭେମ୍ବର ୧୦ ତାରିଖରେ ଇସ୍ରାଏଲର ୨୬ତମ ସଂସଦ (ନେସେଟ୍)ର ଶପଥ ଗ୍ରହଣ ଉତ୍ସବରେ, ନେତାନ୍ୟାହୁ ଇରାନରେ ଶାସନ ପରିବର୍ତ୍ତନ ପାଇଁ ତାଙ୍କର ଦାବିକୁ ପୁନର୍ବାର ଦୋହରାଇ କହିଥିଲେ ଯେ ଏହି ବିପଦକୁ ସ୍ଥାୟୀ ଭାବରେ ଦୂର କରିବାର ଏକମାତ୍ର ଉପାୟ ହେଉଛି ଆୟାତୋଲ୍ଲାଙ୍କ ଶାସନକୁ ଉତ୍ପାଟନ କରିବା । ସେ ଏହା ମଧ୍ୟ ଚେତାବନୀ ଦେଇଥିଲେ ଯେ ଇସ୍ରାଏଲ ଉପରେ ଏକ ପରମାଣୁ ଚୁକ୍ତି ଗ୍ରହଣ କରିବା ପାଇଁ ଅନ୍ତର୍ଜାତୀୟ ଚାପ ପ୍ରୟୋଗ କରାଯିବ ଯାହା ଇରାନର ବର୍ତ୍ତମାନର ନେତୃତ୍ୱକୁ କ୍ଷମତାରେ ରହିବାକୁ ଅନୁମତି ଦେବ। ସେ ବର୍ଦ୍ଧିତ ସୁରକ୍ଷା ଚ୍ୟାଲେଞ୍ଜର ମୁକାବିଲା ପାଇଁ ଏକ ଜାତୀୟ ଏକତା ସରକାର ଗଠନ ପାଇଁ ମଧ୍ୟ ଅପିଲ୍ କରିଥିଲେ । ଇରାନ ମୋର୍ଚ୍ଚାରେ ଟ୍ରମ୍ପଙ୍କ ସହ ମତଭେଦ ବ୍ୟତୀତ, ନେତାନ୍ୟାହୁ ନିଜ ଦେଶରେ ଏକ ବଡ଼ ରାଜନୈତିକ ଯୁଦ୍ଧର ସମ୍ମୁଖୀନ ହେଉଛନ୍ତି, ଯାହା କ୍ଷମତା ଉପରେ ତାଙ୍କର ଦୀର୍ଘକାଳୀନ କବଜାକୁ ଦୁର୍ବଳ କରୁଥିବା ପରି ମନେହୁଏ । ଅକ୍ଟୋବର ୨୭ ତାରିଖରେ ହୋଇଥିବା ନିର୍ବାଚନରେ, ନେତାନ୍ୟାହୁଙ୍କ ଲିକୁଡ୍ ନେତୃତ୍ୱାଧୀନ ମେଣ୍ଟ ୫୩ ଆସନ ଜିତିଥିଲା, ଯାହା ବହୁମତ ପାଇଁ ଆବଶ୍ୟକ ୬୧ ଆସନରୁ ବହୁତ କମ୍ ଥିଲା । ଏହା ପରେ, ରାଷ୍ଟ୍ରପତି ଆଇଜାକ୍ ହର୍ଜୋଗ୍ ବିରୋଧୀ ନେତା ଗାଦି ଆଇସେନକୋଟଙ୍କୁ ପରବର୍ତ୍ତୀ ସରକାର ଗଠନ କରିବାକୁ ଆମନ୍ତ୍ରଣ କରିଥିଲେ, ତାଙ୍କ ପାଖରେ ୬୭ ସାଂସଦଙ୍କ ସମର୍ଥନ ଅଛି ବୋଲି ଧରି ନେଇଥିଲେ। ଗାଦି ଆଇଜେନକୋଟଙ୍କ ପାଖରେ ଏକ ମେଣ୍ଟ ଗଠନ ପାଇଁ ୨୮ ଦିନ ସମୟ ଅଛି, ଯାହାକୁ ୧୪ ଦିନ ବୃଦ୍ଧି କରାଯାଇପାରିବ । ଯଦି ସେ ସରକାର ଗଠନ କରିବାରେ ସଫଳ ହୁଅନ୍ତି, ତେବେ ନେତାନ୍ୟାହୁ ପ୍ରଧାନମନ୍ତ୍ରୀ ପଦ ହରାଇବେ, ଏବଂ ଲିକୁଡ୍ ପାର୍ଟି ବିରୋଧୀ ଦଳରେ ବସିବାକୁ ବାଧ ହେବ ।

ଜାପାନରେ ଭଡ଼ାରେ ମିଳୁଛି ପ୍ରେମ ! ଜାଣନ୍ତୁ 'ରେଣ୍ଟଲ୍ ଗର୍ଲଫ୍ରେଣ୍ଡ୍'ର ଦର କେତେ ?



ଟୋକିଓ : ନିଜର ପାର୍ଟନର ସହ ଦୁନିଆର ଖୁବ୍ ସୁନ୍ଦର ଓ ଆକର୍ଷଣୀୟ ସ୍ଥାନ ଗୁଡ଼ିକୁ ଭ୍ରମଣ କରିବାକୁ ସମସ୍ତଙ୍କର ସ୍ୱପ୍ନ ଥାଏ । କିନ୍ତୁ ଟିକିଏ ଭାବନ୍ତୁ ତ ଆପଣ କୌଣସି ସ୍ଥାନ ବୁଲିବାକୁ ଯାଇଥିବେ ଏବଂ ସେଠାରେ ଆପଣଙ୍କ ପାଇଁ ଭଡ଼ାରେ ଜଣେ ହ୍ୟାଣ୍ଡସମ ପାର୍ଟନର ମିଳି ଯିବେ, ଯିଏ ଆପଣଙ୍କ ସହ ସମୟ ବିତାଇବେ, ଆପଣଙ୍କ ସହ ବୁଲିବେ ଏବଂ ଯାହାଙ୍କ ସହ ଆପଣ ନିଜ ହୃଦୟର କଥାକୁ ବିନା ସଙ୍କୋଚରେ କହି ପାରିବେ । ଜାପାନରେ ଏମିତି ହିଁ ସୁବର୍ଣ୍ଣ ସୁଯୋଗ ରହିଛି । ଏଠାରେ ପ୍ରେମ ହଠାତ୍ ହେଉଥିବା ସାକ୍ଷାତ୍ ଓ ପ୍ରପୋଜଲରେ ସୀମିତ ରହିଯାଇ ନାହିଁ । ଜାପାନରେ ଆପଣ ପ୍ରେମକୁ ବୁକ୍ କରି ପାରିବେ ଏବଂ ଏଥିପାଇଁ ଆପଣଙ୍କୁ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ । ଆଶ୍ଚର୍ଯ୍ୟ ହୁଅନ୍ତୁ ନାହିଁ, ଏହା କୌଣସି ରେଡ୍-ଲାଇଟ୍ ଏରିଆ ବିଷୟରେ ନୁହେଁ କି ଏଠାରେ କୌଣସି ଫିଜିକାଲ ସର୍ଭିସ୍ ମଧ୍ୟ ଦିଆଯାଏ ନାହିଁ । ଜାପାନରେ 'ରେଣ୍ଟଲ୍ ଗର୍ଲଫ୍ରେଣ୍ଡ୍' କିମ୍ବା 'ରେଣ୍ଟଲ୍ ବୟଫ୍ରେଣ୍ଡ୍' ପ୍ରକୃତରେ କମ୍ପାନି ସେବା । ଏଠାରେ ଆପଣ କିଛି ନିୟମ ଅନୁଯାୟୀ କାହାକୁ ବି ନିଜ ସହିତ ସମୟ ବିତାଇବା ପାଇଁ ବୁକ୍ କରିଥା'ନ୍ତି । ଯେପରି ନାମରୁ ଜଣାପଡୁଛି, ଏହି ରୋଲ୍ ଠିକ୍ ସେହିପରି - ବୟଫ୍ରେଣ୍ଡ୍, ଗର୍ଲଫ୍ରେଣ୍ଡ୍ କିମ୍ବା କେବଳ ଏପରି ଜଣେ ବ୍ୟକ୍ତି, ଯାହାଙ୍କ ସହିତ ଆପଣ ସମୟ ବିତାଇ ପାରିବେ । ଆପଣଙ୍କୁ ଏହା ପଢ଼ିବାରେ ଅଜବ ଲାଗିପାରେ , କିନ୍ତୁ ଜାପାନରେ ଏହା ଅତି ସାଧାରଣ ଏବଂ ଏଥିପାଇଁ ପୂରା ଇଣ୍ଡଷ୍ଟ୍ରି ରହିଛି । ବିଭିନ୍ନ କମ୍ପାନୀ ଭଡ଼ାରେ ଗର୍ଲଫ୍ରେଣ୍ଡ୍ କିମ୍ବା ବୟଫ୍ରେଣ୍ଡ୍ ଯୋଗାଇଥା'ନ୍ତି । ବହୁତ ଲୋକ ହୁଏତ ଜାଣିନଥିବେ ଯେ ଜାପାନରେ ଲୋକଙ୍କୁ ଭଡ଼ାରେ ନେବାର ପ୍ରଥା ବହୁତ ପୁରୁଣା । 'ରେଣ୍ଟଲ କମ୍ପାନିୟନ୍'ର ଏହି ଧାରଣା ୧୯୯୦ ଦଶକରେ ଆରମ୍ଭ ହୋଇଥିଲା, ଯାହା ବର୍ତ୍ତମାନ ଏକ ବଡ଼ ଇଣ୍ଡଷ୍ଟ୍ରିରେ ପରିଣତ ହୋଇ ସାରିଛି । ଏହା କେବଳ ବୟଫ୍ରେଣ୍ଡ୍ ବା ଗର୍ଲଫ୍ରେଣ୍ଡ୍ ମଧ୍ୟରେ ସୀମିତ ନୁହେଁ । କମ୍ପାନୀ ଗୁଡ଼ିକ ଠାରୁ ବନ୍ଧୁ, ଜେଜେବାପା କିମ୍ବା ଜେଜେମା ଏବଂ ଜଣେ ହ୍ୟାଣ୍ଡସମ୍ ଯୁବକଙ୍କୁ ମଧ୍ୟ ଭଡ଼ାରେ ନିଆଯାଇ ପାରିବ । ଆପଣ ସେମାନଙ୍କ ସହିତ କଥାବାର୍ତ୍ତା କରି ପାରିବେ ଏବଂ ବିବାହ ଭଳି ପାରିବାରିକ ସମାରୋହକୁ ମଧ୍ୟ ସାଙ୍ଗରେ ନେଇ ଯାଇ ପାରିବେ । କେବଳ ଆପଣଙ୍କୁ ଏହାର ମୂଲ୍ୟ ପେଠ କରିବାକୁ ପଡ଼ିବ ।

ଗ୍ରାଣ୍ଡ ଫିନାଲେ ପୂର୍ବରୁ ଓହରିଲେ ୧୫ ସୁନ୍ଦରୀ, ୬ ଏସୀୟ ଦେଶ ଉପରେ କଟକଣା



ନୂଆଦିଲ୍ଲୀ,୧୨ ।୧୧: ଆରମ୍ଭ ହୋଇସାରିଛି ବ୍ୟୁଟି ପାଜେଣ୍ଟ ମିସ୍ ୟୁନିଭର୍ସ ୨୦୨୬ । ଏଥର ପ୍ରତିଯୋଗିତାର ୭୫ ତମ ସଂସ୍କରଣ ପୁଏର୍ଟୋ ରିକୋରେ ଆୟୋଜିତ କରାଯାଉଛି । ଅଲଗା ଅଲଗା ଦେଶର ବ୍ୟୁଟି କୁଇନ୍ ଟାଇଟଲ୍ ଜିତିବାର ପ୍ରସ୍ତୁତି କରୁଛନ୍ତି, କିନ୍ତୁ ପ୍ରତିଯୋଗିତାରେ ଏଥର ନିଜର ଗ୍ଲାମରସ୍ଠାରୁ ବିବାଦକୁ ନେଇ ଅଧିକ ଚର୍ଚ୍ଚାରେ ରହିଛି । ଗ୍ରାଣ୍ଡ ଫିନାଲେ ପୂର୍ବରୁ ୧୫ ଟି ଦେଶ ପ୍ରତିଯୋଗିତାରୁ ନିଜର ନାଁ ଫେରାଇ ନେଇଛନ୍ତି। ଏଥିରେ କିଛି ଦେଶର ପ୍ରତିଯୋଗୀମାନେ ଭିସା ସମ୍ପର୍କିତ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ସେଭଳି ୬ଟି ଏସୀୟ ଦେଶର ଅଂଶଗ୍ରହଣ ଫ୍ରାଞ୍ଚାଇଜ୍ ଏବଂ କର୍ପୋରେଟ୍ ବିବାଦ ଦ୍ୱାରା ପ୍ରଭାବିତ ହୋଇଥିଲା। କିଛି ପ୍ରତିଯୋଗୀ ବ୍ୟକ୍ତିଗତ କାରଣରୁ ପ୍ରତିଯୋଗିତା ଛାଡିବାକୁ ମଧ୍ୟ ନିଷ୍ପତ୍ତି ନେଇଥିଲେ। ମିସ୍ ୟୁନିଭର୍ସ ଅଷ୍ଟ୍ରିଆ ଭିକ୍ଟୋରିଆ ଏମର୍ସନ୍ ଇନଷ୍ଟାଗ୍ରାମରେ ଏକ ପୋଷ୍ଟ ସେୟାର କରି ସୌନ୍ଦର୍ଯ୍ୟ ପ୍ରତିଯୋଗିତାରୁ ଓହରିଯିବା ବିଷୟରେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଏହି ନିଷ୍ପତ୍ତି ପଛରେ ଅନେକ କାରଣ ଅଛି, କିନ୍ତୁ ତାଙ୍କ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ତାଙ୍କ ଚିନ୍ତାଧାରା ଏବଂ ମୂଲ୍ୟବୋଧକୁ ବଜାୟ ରଖିବା । ତାଙ୍କ ପୋଷ୍ଟରେ ସେ ମାନସିକ ଏବଂ ଶାରୀରିକ ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେବା ବିଷୟରେ ମଧ୍ୟ କହିଥିଲେ। ଭିକ୍ଟୋରିଆଙ୍କ ଅନୁସାରେ, ଏହି ଯାତ୍ରା ତାଙ୍କୁ ନିଜକୁ ବୁଝିବା ଏବଂ ଜୀବନରେ କେଉଁ ଜିନିଷ ଗ୍ରହଣ କରିବାକୁ ହେବ ଏବଂ କେଉଁଗୁଡ଼ିକୁ ନୁହେଁ ତାହା ଜାଣିବାର ସୁଯୋଗ ଦେଇଥିଲା। ସେ କହିଛନ୍ତି ଯଦିଓ ତାଙ୍କ ପାଖରେ ପ୍ରତିଯୋଗିତାର ମୁକୁଟ ନାହିଁ, ତାଙ୍କର ନିଜସ୍ୱ ପରିଚୟ ଏବଂ ଆତ୍ମବିଶ୍ୱାସ ହେଉଛି ତାଙ୍କର ପ୍ରକୃତ ଶକ୍ତି। ମିସ୍ ୟୁନିଭର୍ସ ବୁଲଗେରିଆ, ଆନ୍ନା ମାରିଆ ମଧ୍ୟ ଏହି ବର୍ଷ ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ ନାହିଁ। ସେ ଏକ କାର ଦୁର୍ଘଟଣାର ଶିକାର ହୋଇଥିଲେ, ଯାହା ଫଳରେ ସେ ଶାରୀରିକ ଭାବରେ ପ୍ରତିଯୋଗିତା କରିପାରିବେ ନାହିଁ। ଆୟୋଜକମାନେ ଏକ ସରକାରୀ ବିବୃତ୍ତି ଜାରି କରି କହିଛନ୍ତି ଯେ ପ୍ରତିଯୋଗୀଙ୍କ ସ୍ୱାସ୍ଥ୍ୟ ଏବଂ ସମ୍ପୂର୍ଣ୍ଣ ସୁସ୍ଥତା ସେମାନଙ୍କର ସର୍ବୋଚ୍ଚ ପ୍ରାଥମିକତା। ପ୍ରତିଯୋଗୀଙ୍କ ସୁରକ୍ଷା ଏବଂ ସ୍ୱାସ୍ଥ୍ୟ ଯେକୌଣସି ଟାଇଟଲ୍ କିମ୍ବା ମୁକୁଟ ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ।

ହ୍ୱାଇଟ୍ ହାଉସ୍ ନିକଟରେ ଗୁଳିକାଣ୍ଡ, ୫ ଆହତ : ଏବେ ବି ଧରାପଡିନି ଆକ୍ରମଣକାରୀ



ନୂଆଦିଲ୍ଲୀ: ଆମେରିକାର ରାଜଧାନୀ ୱାଶିଂଟନ୍ ଡିସିରେ ଗୁଳିକାଣ୍ଡ। ଏହି ଗୁଳିକାଣ୍ଡରେ ୫ ଜଣ ଆହତ ହୋଇଥିବାର ଖବର ମିଳିଛି। ହ୍ୱାଇଟ୍ ହାଉସ୍ ଠାରୁ ମାତ୍ର କିଛି ଦୂରରେ ଏଭଳି ଘଟଣା ଘଟିବା ପରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ପୋଲିସର କହିବା ଅନୁସାରେ, ଏପର୍ଯ୍ୟନ୍ତ ଆକ୍ରମଣକାରୀ ଧରାପଡ଼ିନାହିଁ। ପ୍ରାଥମିକ ସୂଚନା ଅନୁଯାୟୀ, ଲୋଗାନ୍ ସର୍କଲ୍ ଅଞ୍ଚଳରେ ଏହି ଗୁଳିକାଣ୍ଡ ଘଟିଛି। ପୋଲିସ ପୂରା ଅଞ୍ଚଳକୁ ଘେରାବନ୍ଦୀ କରି ତଦନ୍ତ ଜାରି ରଖିଛି। ରିପୋର୍ଟ ଅନୁସାରେ, ଗୁରୁବାର ୱାଶିଂଟନ୍ ଡିସିର ଲୋଗାନ୍ ସର୍କଲ୍ ଅଞ୍ଚଳରେ ଭୋର ସମୟରେ ଏହି ଗୁଳିକାଣ୍ଡ ହୋଇଥିଲା। ଏଥିରେ ୫ ଜଣ ଆହତ ହୋଇଛନ୍ତି। ଘଟଣା ପରେ ପୋଲିସ ବଡ଼ ଧରଣର ଅପରେସନ୍ ଆରମ୍ଭ କରିଛି। ଏହି ସ୍ଥାନ ହ୍ୱାଇଟ୍ ହାଉସ୍ ଠାରୁ ପ୍ରାୟ ଏକ ମାଇଲ୍ ଉତ୍ତରରେ ଅବସ୍ଥିତ। ପୋଲିସ ଅନେକ ସ୍ଥାନରେ ତଲାସୀ ଚଳାଇଛି। ଦୋକାନ, ଚର୍ଚ୍ଚ ଏବଂ ଆବାସିକ କୋଠାଗୁଡ଼ିକୁ ଘେରାବନ୍ଦୀ କରାଯାଇଛି। ମେଟ୍ରୋପଲିଟାନ୍ ପୋଲିସ ବିଭାଗ (MPD) ସାଧାରଣ ଲୋକଙ୍କୁ ଏହି ଅଞ୍ଚଳଠାରୁ ଦୂରେଇ ରହିବାକୁ ଅପିଲ୍ କରିଛି। AP ରିପୋର୍ଟ ଅନୁଯାୟୀ, ଗୁଳିମାଡ଼ର ଶିକାର ହୋଇଥିବା ୫ ଜଣଙ୍କ ପରିଚୟ କିମ୍ବା ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ପୋଲିସ ଏପର୍ଯ୍ୟନ୍ତ କୌଣସି ସୂଚନା ଦେଇନାହିଁ। ଏହା ସହିତ ଗୁଳିକାଣ୍ଡର କାରଣ ମଧ୍ୟ ଜଣାପଡ଼ିନାହିଁ। 15th ଏବଂ P Street NW ଛକ ନିକଟରେ ଏହି ଗୁଳିକାଣ୍ଡ ହୋଇଥିବା କୁହାଯାଉଛି। 'ୱାଶିଂଟନ୍ ପୋଷ୍ଟ' ରିପୋର୍ଟ ଅନୁସାରେ, ପୋଲିସ ଜଣେ ସନ୍ଦିଗ୍ଧଙ୍କୁ ଖୋଜୁଛି। ଗଡଉ ମୁଖପାତ୍ର ଅଫିସର ଲି ଲେପେ ଏହାକୁ ଏକ 'ଆକ୍ଟିଭ୍ ଶୁଟର୍' ସ୍ଥିତି ବୋଲି କହିଛନ୍ତି। ଏହା ପୂର୍ବରୁ ନଭେମ୍ବର ୯ ରେ ହ୍ୱାଇଟ୍ ହାଉସ୍ ବାହାରେ ଏକ କାର୍ ଦ୍ରୁତ ଗତିରେ ଆସି ସାଇନପୋଷ୍ଟ ସହ ଧକ୍କା ଦେଇଥିଲା। ଏହା ପରେ ସମଗ୍ର ଅଞ୍ଚଳରେ ସୁରକ୍ଷା ସତର୍କତା ଜାରି କରାଯିବା ସହ ହ୍ୱାଇଟ୍ ହାଉସକୁ କିଛି ସମୟ ପାଇଁ ଲକଡାଉନ୍ କରାଯାଇଥିଲା। ସେହି ସମୟରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟ ହ୍ୱାଇଟ୍ ହାଉସ୍ ପରିସରରେ ଉପସ୍ଥିତ ଥିଲେ। ହ୍ୱାଇଟ୍ ହାଉସ୍ ସମ୍ମୁଖରେ ଥିବା ଲାଫାୟେଟ୍ ସ୍କୋୟାରରେ ଏହି ଘଟଣା ଘଟିଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ ଭିଡିଓରେ କାର୍ ଧକ୍କା ଦେବା ପରେ ସେଥିରୁ ଧୂଆଁ ବାହାରୁଥିବା ଦେଖାଯାଇଥିଲା। ଏହା ପରେ ଡ୍ରାଇଭର ଗାଡ଼ିରୁ ବାହାରି ସୁରକ୍ଷାକର୍ମୀଙ୍କ ସହ ଧସ୍ତାଧସ୍ତି କରିଥିଲା। ଆମେରିକାର ସିକ୍ରେଟ୍ ସର୍ଭିସ୍ ଅଧିକାରୀ ଏବଂ ନ୍ୟାସନାଲ୍ ଗାର୍ଡ ଯବାନଙ୍କ ସହ ତାଙ୍କର ହାତାହାତି ହୋଇଥିବା ଜଣାପଡ଼ିଥିଲା। ଘଟଣା ପରେ ସିକ୍ରେଟ୍ ସର୍ଭିସ୍ ହ୍ୱାଇଟ୍ ହାଉସ୍ ପ୍ରେସ୍ କର୍ପସ୍ ସଦସ୍ୟଙ୍କୁ ଭିତରକୁ ଯିବା ଏବଂ ସେଠାରେ ରହିବାକୁ ନିର୍ଦ୍ଦେଶ ଦେଇଥିଲା। କିଛି ସମୟର ତଦନ୍ତ ପରେ ଡ୍ରାଇଭରଙ୍କୁ ଅଟକ ରଖାଯାଇଥିଲା। ତେବେ ତାଙ୍କ ପରିଚୟ ଏବଂ କାର୍ ଧକ୍କା ପଛର କାରଣ ସମ୍ପର୍କରେ ଅଧିକାରୀମାନେ କୌଣସି ସ୍ପଷ୍ଟ ସୂଚନା ଦେଇନଥିଲେ। ଏହା ପୂର୍ବରୁ ଜୁଲାଇ ୨୦୨୪ରେ ଜଣେ ବ୍ୟକ୍ତି ହ୍ୱାଇଟ୍ ହାଉସ୍ ନିକଟ ସୁରକ୍ଷା ଘେରା ବାହାରେ ଏକ ସନ୍ଦିଗ୍ଧ ବ୍ୟାଗ୍ ଫିଙ୍ଗିଥିଲେ। ଏହା ପରେ ଅଞ୍ଚଳକୁ କିଛି ସମୟ ପାଇଁ ବନ୍ଦ କରି ଯାଞ୍ଚ କରାଯାଇଥିଲା। ସେହିପରି ଜାନୁଆରୀ ୨୦୨୩ରେ ଜଣେ ବ୍ୟକ୍ତି ଭଡ଼ାରେ ନେଇଥିବା ଟ୍ରକ୍କୁ ହ୍ୱାଇଟ୍ ହାଉସ୍ ନିକଟ ସୁରକ୍ଷା ବ୍ୟାରିକେଡ୍ରେ ଧକ୍କା ଦେଇଥିଲେ।

ରାଷ୍ଟ୍ରପତଙ୍କୁ ଭେଟଲେ ୨୦୨୩ ବ୍ୟାଚ୍ ଓଡ଼ିଶା ଅର୍ଥ ସେବା ଅଧିକାରୀ



ନୂଆଦିଲ୍ଲୀ/ଭୁବନେଶ୍ୱର, ୧୨/୧୧: ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଓଡ଼ିଶା ସିଭିଲ୍ ସର୍ଭିସେସ୍-୨୦୨୩ ବ୍ୟାଚ୍ର ଓଡ଼ିଶା ଅର୍ଥ ସେବା (ଓଏଫଏସ୍)ର ନବନିଯୁକ୍ତ ଅଧିକାରୀମାନଙ୍କୁ ସମ୍ବୋଧିତ କରି ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତ ଗଠନର ମହତ୍ୱାକାଂକ୍ଷୀ ସଂକଳ୍ପ ସହ ନିଜକୁ ସମର୍ପିତ କରିବାକୁ ଆହ୍ୱାନ ଜଣାଇଛନ୍ତି। ଏହି ଅବସରରେ ରାଷ୍ଟ୍ରପତି ଲୋକସେବାରେ ସାଧୁତା, ସ୍ୱଚ୍ଛତା, ଉତରଦାୟିତ୍ୱ ଓ ନିଷ୍ଠାର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ ରାଜ୍ୟର ଆର୍ଥିକ ପ୍ରଗତି ଓ ସୁଶାସନକୁ ଅଧିକ ସୁଦୃଢ଼ କରିବା ଦିଗରେ ଯୁବ ଅଧିକାରୀମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଉଲ୍ଲେଖ କରିଥିଲେ। ଏହି ସାକ୍ଷାତକାର ନବନିଯୁକ୍ତ ଓଏଫଏସ୍ ଅଧିକାରୀମାନଙ୍କ ପାଇଁ ଏକ ପ୍ରେରଣାଦାୟୀ ଓ ସ୍ମରଣୀୟ ଅନୁଭୂତି ହୋଇଥିଲା।

ଷ୍ଟ୍ରେଟ୍ ଅଫ୍ ହୋର୍ମୁଜ ନୁହେଁ, ଏବେ 'ବ୍ଲାକ ସି' ହେଉଛି ସବୁଠାରୁ ବିପଦପୂର୍ଣ୍ଣ ସାମୁଦ୍ରିକ ରାସ୍ତା !



ନୂଆ.ଦି.ଲ୍ଲୀ,୧୨/୧୧: ଯେତେବେଳେ ବିଶ୍ୱର ଦୃଷ୍ଟି ହୋର୍ମୁଜ ପ୍ରଣାଳୀ ଏବଂ ମଧ୍ୟପ୍ରାଚ୍ୟରେ ଚାଲିଥିବା ସଂଘର୍ଷ ଉପରେ ରହିଛି, ସେତେବେଳେ ଅନ୍ୟ ଏକ ସାମୁଦ୍ରିକ ମାର୍ଗ କ୍ରମାଗତ ଭାବେ ଅଧିକ ବିପଜ୍ଜନକ ହୋଇଉଠୁଛି। କଳା ସାଗର ବା ବ୍ଲାକ ସି' ରେ(Black Sea) ରୁଷ ଏବଂ ୟୁକ୍ରେନ ମଧ୍ୟରେ ଚାଲିଥିବା ସଂଘର୍ଷ ବର୍ମାନ ବାଣିଜ୍ୟିକ ଜାହାଜ ଏବଂ ସେଥିରେ କାର୍ଯ୍ୟରତ କର୍ମଚାରୀମାନଙ୍କୁ ପ୍ରଭାବିତ କରୁଛି। ଶହ ଶହ ଜାହାଜ ଆକ୍ରମଣର ଶିକାର ହୋଇଛନ୍ତି ଏବଂ ଅନେକ ନାବିକ ନିଜର ଜୀବନ ହରାଇଛନ୍ତି। ପରିସ୍ଥିତି ଏତେ ଗମ୍ଭୀର ହୋଇଯାଇଛି ଯେ, ଏହି ଆକ୍ରମଣଗୁଡ଼ିକର ପ୍ରଭାବ ନାଟୋ (NATO) ସଦସ୍ୟ ରାଷ୍ଟ୍ରଗୁଡ଼ିକର ସାମୁଦ୍ରିକ ଅର୍ଥନୈତିକ କ୍ଷେତ୍ର ପର୍ଯ୍ୟନ୍ତ ପହଁଚିଥିବା ନେଇ ଖବର ମିଳୁଛି। ଏହାର ପରିଣାମ କେବଳ ଜାହାଜଗୁଡ଼ିକ ମଧ୍ୟରେ ସୀମିତ ନୁହେଁ, ବରଂ ଏହା ବିଶ୍ୱ ଖାଦ୍ୟ ବାଣିଜ୍ୟ ଏବଂ ଶସ୍ୟ ଯୋଗାଣ ଉପରେ ମଧ୍ୟ ପ୍ରଭାବ ପକାଇପାରେ। ରିପୋର୍ଟ ଅନୁଯାୟୀ, କଳା ସାଗରରେ ୩୦୦ରୁ ଅଧିକ ଆକ୍ରମଣ ଘଟିଛି। ଏହି ଆକ୍ରମଣଗୁଡ଼ିକରେ ୩୦ରୁ ଅଧିକ ନାବିକଙ୍କ ମୃତ୍ୟୁ ଘଟିଥିବା ବେଳେ ୨୦ ଜଣ ନିଖୋଜ ଅଛନ୍ତି। ଅନ୍ୟପକ